୬ ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କଲେ ରାଷ୍ଟ୍ରପତି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ-୩୩ • ସଂଖ୍ୟା-୧୫୭ • ୫ ଜୁଲାଇ ୨୦୨୫, ଶନିବାର • ଭୁବନେଶ୍ୱର • Vol -32 • Issue-157 • 5th July 2025, Saturday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ସରକାରଙ୍କ ବଡ ନିଷ୍ପତ୍ତି : ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ

# ମହାନଗର ନିଗମ ହେବ ପୁରୀ

ଭୁବନେଶ୍ୱର, ୪।୭

ନ୍ୟୁଜ୍ ବ୍ୟୁରୋ

ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବଡ଼ ଘୋଷଣା କରିଛନ୍ତି। ଆଧ୍ୟାତ୍ମିକ ସହର ପୁରୀକୁ ମହାନଗର ନିଗମରେ ପରିଣତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି । ପୁରୀ ସହରକୁ ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତମାନଙ୍କର ଆଗମନ ଓ ଏଠାକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ପୁରୀରେ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ପାଠାଗାର ଓ ଗବେଷଣା କେନ୍ଦ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁରୀ ଆଉ ପୌରାଞ୍ଚଳରେ ସୀମିତ ରହିବ ନାହିଁ । ଏହାର କଳେବର ବୃଦ୍ଧି ପାଇବ। ଶ୍ରୀ ଜଗନ୍ନାଥ ସଂସ୍କୃତି, କିମ୍ବଦନ୍ତୀ ଓ ଇତିହାସର ପ୍ରଚାର ପ୍ରସାର ହେବ। ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ । ନାଗରିକମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ସାଙ୍ଗକୁ, ବହୁବିଧ ସେବା, ପର୍ଯ୍ୟଟକଙ୍କ ଚର୍ଚ୍ଚା ଦ୍ୱାରା ଏକ ବିରାଟ ସକାରାତ୍ମକ ପରିବର୍ତ୍ତନ ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ପବିତ୍ର ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି । ବାହୁଡା ଯାତ୍ରା ପାଇଁ ମହାପ୍ରଭୁ ଆଜ୍ଞା ଦେଇସାରିଛନ୍ତି। ଏହି ଯାତ୍ରାକୁ ସୂଚାରୁ ରୂପେ ଏବଂ ସୁରକ୍ଷିତ ଢଙ୍ଗରେ ସଂପୂର୍ଣ୍ଣ କରିବା ପାଇଁ ଠାକୁରଙ୍କ ନିର୍ଦ୍ଦେଶରେ ସମସ୍ତେ ନିଜ ନିଜ ସେବା ପ୍ରଦାନ କରୁଛନ୍ତି । ପୁରୀ ଜଗନ୍ନାଥ ଧାମ ସାରା ଭାରତର ସବୁ ଧର୍ମସ୍ଥଳୀ ଠାରୁ ଅନନ୍ୟ । ଏଠାରେ ଭକ୍ତ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇ ଯାଆନ୍ତି। ନବଦିନ ବ୍ୟାପ୍ତ ଏହି ପବିତ୍ର ଯାତ୍ରା ସମୟରେ ବଡଦାଣ୍ଡରେ ଚାଲୁଥିବା ସବୁ ଭକ୍ତ ଜଣେ ଜଣେ ଦାସିଆ। ମୁଁ ବି ଏହି ଅସଂଖ୍ୟ ଜଗନ୍ନାଥ ଭକ୍ତଙ୍କ ମଧ୍ୟରୁ ଜଣେ ସାଧାରଣ ଭକ୍ତ।

ରାଜ୍ୟର ମୁଖ୍ୟ ସେବକ ଭାବେ ରାଜ୍ୟବାସୀ ଯେଉଁ ଗୁରୁ ଦାୟିତ୍ୱ ମୋତେ ଅର୍ପଣ କରିଛନ୍ତି, ସେଥି ମଧ୍ୟରୁ, ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସହିତ ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା ମୁଁ ବ୍ୟକ୍ତିଗତ ଭାବେ ପୂର୍ବରୁ ଅନୁଭବ କରିଛି ଯେ କୌଣସି ନା କୌଣସି କାରଣରୁ ବର୍ତ୍ତମାନର ପୁରୀ ପୌରପାଳିକା ଉଭୟ ଭକ୍ତ ଏବଂ ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇନାହିଁ ବୋଲି (ପୃଷ୍ଠା ୭ରେ)

# ସନ୍ଧ୍ୟା ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ : ଆଜି ବାହୁଡିବେ ମହାବାହୁ

ପୁରୀ, ୪।୭ : ନ୍ୟୁଜ୍ ବ୍ୟୁରୋ

ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିଥିବା ମହାପ୍ରଭୁଙ୍କ ଜନ୍ମବେଦୀରେ ଶୁକ୍ରବାର ଶ୍ରଦ୍ଧାଳୁମାନେ ଶେଷ ଦର୍ଶନ କରିଛନ୍ତି । ଶ୍ରୀଜୀଉମାନେ ଶନିବାର ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ଫେରିଆସିବେ। ଜନ୍ମବେଦୀରୁ ବାହାରି ଧାଡ଼ି ପହଣ୍ଡିରେ ଆସି ଶରଧାବାଲିରେ ପ୍ରସ୍ତୁତ ଥିବା ରଥ ଉପରେ ବିରାଜିବେ। ବଡ଼ଦାଣ୍ଡ ପୁଣି ଥରେ ଜନସମୁଦ୍ର ପାଲଟିବ। ଲକ୍ଷ ଲକ୍ଷ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବ। ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ହେବ। ଏହା ପୂର୍ବରୁ ଶୁକ୍ରବାର ଆଡ଼ପ ମଣ୍ଡପରେ ନବମୀ ଅବସରରେ ଶ୍ରୀଜୀଉମାନଙ୍କୁ ଲକ୍ଷାଧିକ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି । ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଛନ୍ତି । ମୁଣ୍ଡିଆ ମାରି ମନର କଥା କହିଛନ୍ତି। ଶ୍ରଦ୍ଧାଳୁମାନେ ସନ୍ଧ୍ୟା ୬ଟା ଯାଏ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ବ୍ୟାରିକେଡ କରାଯାଇଥିବା ବେଳେ ନୀତିକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।



## ବାହୁଡା ଯାତ୍ରା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

ପୁରୀ, ୪।୭ : ନ୍ୟୁଜ୍ ବ୍ୟୁରୋ

ଶନିବାର ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା। ବାହୁଡା ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିବା ପାଇଁ ପୁଲିସ ଡିଜି ୱାଇ ବି ଖୁରାନିଆ ଶୁକ୍ରବାର ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଶୁକ୍ରବାର ନବମୀ ସନ୍ଧ୍ୟା ଦର୍ଶନରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ତେଣୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଶନିବାର ବାହୁଡ଼ା ଯାତ୍ରା ଥିବାରୁ ସେ ନେଇ ମଧ ବ୍ୟବସ୍ଥାର ଅନୁଧ୍ୟାନ ଖୁରାନିଆ କରିଥିଲେ।

ଗୁଣ୍ଡିଚା ମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଏବଂ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥାକୁ ସେ ବୁଲି ଦେଖିଥିଲେ। ପୁଲିସ ଡ଼ିଜିଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମଧ ଉପସ୍ଥିତ ରହିଥିଲେ।

## ଶାସକ ଦଳର ବିଧାୟକଙ୍କ ନାମରେ ଏତଲା

ଭୁବନେଶ୍ୱର, ୪।୭

ନ୍ୟୁଜ୍ ବ୍ୟୁରୋ

ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନେତ୍ରୀ ଶୁକ୍ରବାର ବାଲେଶ୍ୱର ଜିଲ୍ଲା ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ନାମରେ ଅଭିଯୋଗ ଆଣିଛନ୍ତି। ବିଜେଡି ମହିଳା ନେତ୍ରୀମାନଙ୍କ ସହ ଭୁବନେଶ୍ୱର ମହିଳା ଥାନାରେ ଶ୍ରୀମତୀ ସାମନ୍ତସିଂହାର ଏତଲା ଦେଇଛନ୍ତି । ଅଭିଯୋଗରେ ସେ ଭିଡିଓ ପ୍ରମାଣ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ବିଜେଡି ନେତ୍ରୀ କହିଛନ୍ତି, ମହିଳାଙ୍କ (ପୃଷ୍ଠା ୭ରେ)

## ରଥଯାତ୍ରାରେ ଦଳାଚକଟା : ତଥ୍ୟ ପଠାଇବାକୁ ଅନୁରୋଧ ଜଣାଇଲେ ତଦନ୍ତକାରୀ କମିଟି ଅଧ୍ୟକ୍ଷ

ଭୁବନେଶ୍ୱର, ୪।୭

ନ୍ୟୁଜ୍ ବ୍ୟୁରୋ

ରଥଯାତ୍ରାରେ ଦଳାଚକଟା ଭଳି ପରିସ୍ଥିତି ନେଇ ଉନ୍ନୟନ କମିଶନର ତଥା ପୁରୀ ଅଘଟଣ ତଦନ୍ତକାରୀ କମିଟି ଅଧ୍ୟକ୍ଷ ଅନୁ ଗର୍ଗ ପ୍ରତିକ୍ରିୟା ଦେଇଛନ୍ତି। ଦଳାଚକଟା ସମୟରେ ଜନସାଧାରଣଙ୍କ ପାଖରେ ଯାହା ଭିଡିଓ କି ତଥ୍ୟ ଅଛି ତାହା ଦେବା ପାଇଁ ସେ ଅପିଲ କରିଛନ୍ତି ।

ଅନେକ ଲୋକ ଦଳାଚକଟା ସମୟରେ ଭିଡ଼ିଓ କରିଥିଲେ, ଯାହାକି ତଦନ୍ତରେ ସହାୟତା କରିବ । ସେ କହିଛନ୍ତି ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛି । କିଛି ଲୋକଙ୍କୁ ପଚରା ଉଚରା କରିଛି । (ପୃଷ୍ଠା ୭ରେ)



## ୟୁକ୍ରେନର ୫୫୦ଟି ଲକ୍ଷ୍ୟସ୍ଥଳ ଉପରେ ଋଷର ବିମାନ ଆକ୍ରମଣ

କିଭ୍, ୪।୭

ଋଷ ୟୁକ୍ରେନ ଉପରେ ଭୟଙ୍କର ବିମାନ ଆକ୍ରମଣ ଆରମ୍ଭ କରିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲ ଦିମିର ଜେଲେନ୍ସକି ଶୁକ୍ରବାର ଘୋଷଣା କରିଛନ୍ତି ଯେ ଋଷ ସାମ୍ପ୍ରତିକ ସମୟରେ ୟୁକ୍ରେନ ଉପରେ ସବୁଠାରୁ ବଡ଼ ବିମାନ ଆକ୍ରମଣ କରିଛି, ଯେଉଁଥିରେ ୫୫୦ଟି ଲକ୍ଷ୍ୟସ୍ଥଳ ସାମିଲ ଅଛି, ଯେଉଁଥିରେ ଅତି କମରେ ୩୩୦ଟି ଋଷ-ଇରାନ ଶାହେଦ ଡ୍ରୋନ ଏବଂ ବାଲିଷ୍ଟିକ କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ। ସେ ଦାବି କରିଛନ୍ତି ଯେ ୟୁକ୍ରେନ ୨୭୦ଟି ବିମାନ ଲକ୍ଷ୍ୟସ୍ଥଳରେ ଖସାଇବାରେ ସଫଳ ହୋଇଛି, ଯେତେବେଳେ ଅନ୍ୟ ୨୦୮ଟି ଡ୍ରୋନ ଇଲେକ୍ଟ୍ରୋନିକ ଯୁଦ୍ଧ ଦ୍ୱାରା ଜାମ ହୋଇଛି । ଜେଲେନ୍ସକି କହିଛନ୍ତି ଯେ ଋଷ ଆକ୍ରମଣ କେବଳ ରାଜଧାନୀ କିଭ ନୁହେଁ, ବରଂ ଡ୍ନିପ୍ରୋ, ସୁମି, ଖାରକିଭ ଏବଂ ଚେର୍ନିହିଭ ଅଞ୍ଚଳକୁ ମଧ ପ୍ରଭାବିତ କରିଛି ଏବଂ ଏପର୍ଯ୍ୟନ୍ତ ଏହି ଆକ୍ରମଣରେ ୨୩ ଜଣ ଆହତ ହୋଇଥିବା ଜଣାପଡ଼ିଛି।



## ୟୁପିଏସ୍ ଯୋଜନାରେ ମିଳିବ ଏନ୍‌ପିଏସ୍ ଭଳି ଲାଭ

ନୂଆଦିଲ୍ଲୀ, ୪।୭

କେନ୍ଦ୍ର ସରକାର ଘୋଷଣା କରିଛନ୍ତି ଯେ ଜାତୀୟ ପେନସନ ଯୋଜନା (ଏନପିଏସ) ଅଧୀନରେ ବର୍ତ୍ତମାନ ଉପଲବ୍ଧ ସମସ୍ତ ଟିକସ ଲାଭ ନୂତନ ଭାବରେ ପ୍ରଚଳିତ ଏକୀକୃତ ପେନସନ ଯୋଜନା (ୟୁପିଏସ)ରେ ମଧ ଲାଗୁ ହେବ। ଅର୍ଥ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ଟିକସ ଢାଞ୍ଚାରେ ୟୁପିଏସକୁ ସାମିଲ କରିବା ସ୍ୱଚ୍ଛ, ନମନୀୟ ଏବଂ ଟିକସ-ଦକ୍ଷ ବିକଳ୍ପ ମାଧ୍ୟମରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଅବସର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରୟାସରେ ଆଉ ଏକ ପଦକ୍ଷେପ। ଏହି ବ୍ୟବସ୍ଥାଗୁଡ଼ିକ ଏନପିଏସ ଭଳି ୟୁପିଏସ ବାଛିଥିବା କର୍ମଚାରୀମାନଙ୍କୁ ଯଥେଷ୍ଟ ଟିକସ ରିହାତି ଏବଂ ପ୍ରୋତ୍ସାହନ ପ୍ରଦାନ କରିବ।

## ତେଲଙ୍ଗାନା ରାସାୟନିକ କାରଖାନା ବିସ୍ଫୋରଣ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୭ : ନ୍ୟୁଜ୍ ବ୍ୟୁରୋ

ତେଲଙ୍ଗାନାରେ ଏକ ରାସାୟନିକ କାରଖାନାରେ ଘଟିଥିବା ଭୟଙ୍କର ବିସ୍ଫୋରଣରେ ପ୍ରାଣ ହରାଇଥିବା ଓଡିଆଙ୍କ ପରିବାର ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହାୟତା ରାଶି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରାୟ ୧୦ ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ ନେଇ ଘୋଷଣା କରିଛନ୍ତି । ଏହାସହ ରାଜ୍ୟ ସରକାରଙ୍କ ଏକ ଅଧିକାରୀ ଦଳ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି ।

ସୂଚନାଯୋଗ୍ୟ, ତେଲେଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଥିବା ଏକ ରାସାୟନିକ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ସୋମବାର ସକାଳ ୮ଟା ୧୫ରୁ ୯ଟା ୩୫ମଧ୍ୟରେ କାରଖାନାରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ କାରଖାନାର ଏକ ଅଂଶ ଭୁଶୁଡି ପଡିବାରୁ ଭୟଙ୍କର ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ୨୪ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ଏଥିରେ ପ୍ରାୟ ୪୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରେ ୮ ଜଣ ଓଡିଆ ମଧ ଥିଲେ।

## ହିମାଚଳ ଓ ଉତ୍ତରାଖଣ୍ଡରେ ବନ୍ୟା ବିଭୀଷିକା : ୬୯ ମୃତ୍ୟୁ

ସିମ୍ଲା, ୪।୭

ହିମାଚଳ ଓ ଉତ୍ତରାଖଣ୍ଡରେ ବନ୍ୟା ବିଭୀଷିକା ସୃଷ୍ଟି ହୋଇଛି। ହିମାଚଳ ପ୍ରଦେଶରେ ବନ୍ୟା ତାଣ୍ଡବ ରଚିଛି । ବାଦଲଫଟା ବର୍ଷା ଯୋଗୁଁ ବର୍ତ୍ତମାନ ସୁଦ୍ଧା ହିମାଚଳପ୍ରଦେଶରେ ୬୯ ଜଣଙ୍କ ମୃତ୍ୟୁ ହୋଇଛି । ୩୭ରୁ ଅଧିକ ଲୋକ ନିଖୋଜ ହୋଇଯାଇଛନ୍ତି । ସିମଲା, ମଣ୍ଡି ଓ ସିରମୁର ଉପତ୍ୟକାରେ ପ୍ରବଳ କ୍ଷତି ଘଟିଛି । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବର୍ଷାର ତାଣ୍ଡବ। ଗତ ଜୁନ ୨୦ରୁ ଜୁଲାଇ ୩ ମଧ୍ୟରେ ୬୯ ଲୋକ ପ୍ରାଣ ହରାଇଛନ୍ତି। ପଚ୍ଛଦ ଅଞ୍ଚଳରେ ୧୩୩ ମିମି ବର୍ଷା ରେକର୍ଡ କରାଯାଇଛି । ବରସାରରେ ୯୨ ମିମି ବର୍ଷା ରେକର୍ଡ ହୋଇଛି । ସକ୍ରିୟ ମୌସୁମୀ ଓ ବାଦଲ ଫଟା ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି। ଭୀଷଣ ବର୍ଷାରେ ବେହାଲ ହୋଇପଡିଛି ହିମାଚଳ ପ୍ରଦେଶର ବିଭିନ୍ନ ସହର। ହିମାଚଳରେ ୭ଶହ କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଥିବା ସେଠାକାର ସରକାର କହିଛନ୍ତି। ମଣ୍ଡିର (ପୃଷ୍ଠା ୭ରେ)



## ପୁରୀ ବିମାନ ବନ୍ଦର : ମଞ୍ଜୁରୀ ସ୍ଥଗିତ ରଖିଲା ପରିବେଶ ମନ୍ତ୍ରଣାଳୟ

ଭୁବନେଶ୍ୱର, ୪।୭ : ନ୍ୟୁଜ୍ ବ୍ୟୁରୋ

ପୁରୀ ବିମାନ ବନ୍ଦରକୁ ଝଟକା ଲାଗିଛି। ପୁରୀରେ ବିମାନ ବନ୍ଦର ନିର୍ମାଣ ନେଇ ଆପତ୍ତି ଉଠାଇଛି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ। ପରିବେଶ ମନ୍ତ୍ରଣାଳୟର ଜଙ୍ଗଲ ପରାମର୍ଶଦାତା କମିଟି (ଏଫଏସି) ଓଡ଼ିଶାର ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ମଞ୍ଜୁରୀକୁ ସ୍ଥଗିତ ରଖିଛି। ମନ୍ତ୍ରଣାଳୟ ପକ୍ଷରୁ ଅଲିଭ୍ ରିଡଲେ କଇଁଛ , ଇରାୱାଡ୍ଡି ଡଲଫିନ୍ ଏବଂ ପ୍ରବାସୀ ପକ୍ଷୀଙ୍କ ପାଇଁ ସମ୍ଭାବ୍ୟ କ୍ଷତି ଏବଂ ଘୂର୍ଣ୍ଣିଝଡ଼ରୁ ଉପକୂଳକୁ ସୁରକ୍ଷା ଦେଉଥିବା ୧୩,୦୦୦ ଗଛ ନଷ୍ଟ ହେବାର ପ୍ରଭାବ ନେଇ ଚିନ୍ତା ପ୍ରକଟ କରାଯାଇଛି। (ପୃଷ୍ଠା ୭ରେ)

### ଏକାଳ ପଖାଳ



ଜନମ ବେଦୀରୁ କରମ ବେଦୀକୁ
ବାହୁଡିବେ ତିନି ଦିଅଁ
ଚକାଆଖିକୁ ଦେଖିବା ଲୋଭରେ
ବ୍ୟାକୁଳ ମନ ଓ ଦେହ
ଭକତ ଭାବକୁ ନିଅ
ଭାବବିନୋଦିଆ ଦିଅଁ ତୁମେ ନାଥ
ଲୀଳା କରି ଦେଖୁଥାଅ।

## ୬ ହାଇସିକ୍ୟୁରିଟି ଜେଲ୍‌ରେ ଉଡ଼ିବ ୧୦ ଡ୍ରୋନ୍: କଏଦୀଙ୍କ ଚୋରା କାମକୁ ଜଗିବ



ଭୁବନେଶ୍ୱର, ୪।୭

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ହାଇସିକ୍ୟୁରିଟି ଜେଲ୍‌ଗୁଡିକର ସୁରକ୍ଷା ବ୍ୟବସ୍ଥାକୁ ବଢାଇବା ପାଇଁ ଜେଲ ବିଭାଗ ବଡ଼ ନିଷ୍ପତ୍ତି ନେଇଛି। ଜେଲ ଅତ୍ୟାଧୁନିକୀକରଣ ପ୍ରକଳ୍ପରେ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଏଣିକି ହାଇସିକ୍ୟୁରିଟି ଜେଲ ଉପରେ ଡ୍ରୋନ ଉଡ଼ିବ । କଏଦୀମାନଙ୍କ କଳା କାରନାମା ଉପରେ ନଜର ରଖିବାକୁ ଡ୍ରୋନ ଜଗିରହିବ। ନିଶା କାରବାର, ମେଳି ବାନ୍ଧିବା, ପ୍ରାଚୀର ଡେଇଁ ଖସିବାକୁ ଉଦ୍ୟମ କରିବା ଭଳି କାଣ୍ଡକୁ ରୋକିବା ଲାଗି ଡ୍ରୋନ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି । ଏହି ବ୍ୟବସ୍ଥାକୁ ୨ମାସ ଭିତରେ କାର୍ଯ୍ୟକାରୀ କରାଯିବ ଏବଂ ଏଥିପାଇଁ ଏନ୍‌ଏସ୍‌ଜି ଯବାନମାନଙ୍କ ସହାୟତା ନିଆଯିବ ବୋଲି ସୂଚନା ମିଳିଛି।

କଟକ ଚୌଦ୍ୱାର, ବ୍ରହ୍ମପୁର, ସମ୍ବଲପୁର, କୋରାପୁଟ ଓ ଭୁବନେଶ୍ୱର ଝାରପଡା ଜେଲ ହାଇସିକ୍ୟୁରିଟି ଜେଲ ବର୍ଗରେ ଅଛନ୍ତି । ଏହି ସମସ୍ତ ଜେଲ ପାଇଁ ୧୦ଟି ଡ୍ରୋନ ବରାଦ କରାଯାଇଛି । ଏହି ସବୁ ଜେଲର ବିଭିନ୍ନ ବର୍ଗର କର୍ମଚାରୀଙ୍କ ସହିତ ଅବସରପ୍ରାପ୍ତ ଯବାନ, ସୁରକ୍ଷାରେ ନିୟୋଜିତ ଅଛନ୍ତି। ଜେଲ (ପୃଷ୍ଠା ୭ରେ)

## ୭ ଯାଏଁ ରାଜ୍ୟରେ ଲାଗି ରହିବ ବର୍ଷା

ଭୁବନେଶ୍ୱର, ୪।୭

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଅଧିକାଂଶ ସ୍ଥାନ ସହ ଟ୍ୱିନ ସିଟିରେ ଲାଗି ରହିଛି ତୁହାକୁ ତୁହା ବର୍ଷା। ୨୪ ଘଣ୍ଟାରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ବେଳେ ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ମଧ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ପ୍ରାୟ ୭ ତାରିଖ ପର୍ଯ୍ୟନ୍ତ ଲାଗି ରହିବ ବର୍ଷା । ୨୪ ଘଣ୍ଟାରେ ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୪ ଜିଲ୍ଲା ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଓ ବରଗଡକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଉତ୍ତର ଓଡିଶା ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ଜୁଲାଇ, ଶନିବାର ୨୦୨୫





# ଘରେ ପଶି ମହିଳାଙ୍କୁ ବଳାତ୍କାର କଲେ ପାର୍ସଲ ଡେଲିଭରି ବୟ

**ପୁନେ**

ପୁନେରେ ଏକ ଲଜ୍ଜାଜନକ ଘଟଣା ଘଟିଛି । ଜଣେ ୨୨ ବର୍ଷୀୟା ମହିଳାଙ୍କୁ ତାଙ୍କ ଆପାର୍ଟମେଣ୍ଟରେ ଜଣେ ବ୍ୟକ୍ତି ଡେଲିଭରି ବୟ ପରିଚୟ ଦେଇ ବଳାତ୍କାର କରିଛନ୍ତି । ଘଟଣାଟି ବୁଧବାର ସନ୍ଧ୍ୟା ପ୍ରାୟ ୭.୩୦ଟାରେ କୋନ୍ଧୱା ଅଞ୍ଚଳରେ ଘଟିଛି । ଘଟଣାବେଳେ ମହିଳା ଜଣକ ଘରେ ଏକା ଥିଲେ ।

ପୋଲିସ କହିଛି ଯେ, ଅଭିଯୁକ୍ତ ଏକ ଲଫାପା ଧରି ଆସି ଏକ ଓଟିପି ମାଗିଥିଲେ । ମହିଳା ଜଣକ ତାଙ୍କ ଫୋନ ଯାଞ୍ଚ କରିବାକୁ ଭିତରକୁ ଯାଇଥିଲେ, ସେହି ବ୍ୟକ୍ତି ତାଙ୍କ ଫ୍ଲାଟ୍‌ରେ ପ୍ରବେଶ କରି ଦ୍ୱାର ବନ୍ଦ କରି ଦେଇଥିଲେ । ପୋଲିସ ଅଧିକାରୀଙ୍କ ଅନୁଯାୟୀ, ସେ ତାଙ୍କୁ ବଳାତ୍କାର କରି ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ଆକ୍ରମଣକାରୀ ତାଙ୍କ ମୁହଁରେ କିଛି ସ୍ପ୍ରେ କରିଥିଲେ, ଯାହା ପରେ ସେ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଅଚେତ ଥିଲେ ।

ଏକ ଘରୋଇ ସଂସ୍ଥାରେ କାମ କରୁଥିବା ମହିଳା ଜଣକ ରାତି ପ୍ରାୟ ୮.୩୦ଟାରେ ଚେତା ଫେରି ପାଇଲେ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଡାକିଲେ । ତା’ପରେ ସେମାନେ



ପୋଲିସକୁ ଖବର ଦେଇଥିଲେ । ଏହି ମାମଲାରେ ୧୦ଟି ଦଳ, ୫ଟି କ୍ରାଇମ ବ୍ରାଞ୍ଚ ଏବଂ ୫ଟି ଜୋନାଲ ଟିମ୍ କାମ କରୁଛନ୍ତି । ମହିଳାଙ୍କ ଫୋନରେ ଏକ ସେଲ୍ଫି ମିଳିଛି । ପୋଲିସ କହିଛି ଯେ, ଅଭିଯୁକ୍ତ ମହିଳାଙ୍କ ଫୋନ ବ୍ୟବହାର କରି ସେଲ୍ଫି ଉଠାଇ ଏକ ମେସେଜ୍ ଲେଖିଥିଲେ, ମୁଁ ପୁଣି ଆସିବି । ସେ ତାଙ୍କର ଫଟୋ କ୍ଲିକ୍ କରିଥିବା ମଧ୍ୟ ଦାବି କରିଥିଲେ ଏବଂ ଘଟଣା ବିଷୟରେ କାହାକୁ କହିଲେ, ତେବେ ସେଗୁଡ଼ିକୁ ଅନ୍‌ଲାଇନ୍‌ରେ ଲିକ୍ କରିବାକୁ ଧମକ ଦେଇଥିଲେ । ପୋଲିସ କହିଛି ଯେ, କୋଠା ଏବଂ ନିକଟବର୍ତ୍ତୀ ଅଞ୍ଚଳର ସିସିଟିଭି ଫୁଟେଜ୍ ଅଭିଯୁକ୍ତଙ୍କ ମୁହଁ ଦେଖା ଯାଉଛି । ତାଙ୍କୁ ଚିହ୍ନଟ କରାଯାଇ ଖୁବ୍‌ଶୀଘ୍ର ଗିରଫ କରାଯିବ ।

# ଉଚ୍ଚ ଶିକ୍ଷା ବିଭାଗର ବିଚିତ୍ର ନୀତି : ଆଞ୍ଜୁଳାଏ ନେଇ ମୁଠାଏ ଦେଉଛି

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଉଚ୍ଚ ଶିକ୍ଷା ବିଭାଗର ବିଚିତ୍ର ନୀତି । ଗଞ୍ଜାମ ଜିଲ୍ଲାରୁ ଆଞ୍ଜୁଳାଏ ନେଇ ମୁଠାଏ ଦେଇଛି । ବିଭାଗ ଏଠାରୁ ୩୦ରୁ ଉର୍ଦ୍ଧ୍ୱ ଅଧ୍ୟାପକଙ୍କୁ ବଦଳି କରିଥିବା ବେଳେ ସେମାନଙ୍କ ବଦଳରେ ମାତ୍ର ୧୨ ଜଣଙ୍କୁ ଜିଲ୍ଲାକୁ ଆଣିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଫଳରେ ଗ୍ରାମାଞ୍ଚଳ ସମେତ ବ୍ରହ୍ମପୁର ସହରରେ ଥିବା ମହାବିଦ୍ୟାଳୟ ଗୁଡ଼ିକରେ ଉଚ୍ଚଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିଯିବା ସ୍ଥିତିକୁ ଏଡ଼ାଇ ଦିଆଯାଇନପାରେ ବୋଲି ସାଧାରଣରେ କଡ଼ା ସମାଲୋଚନା ହୋଉଛି । ସୂଚନାଅନୁସାରେ ଗତ ୨୫ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତି ପ୍ରକାରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ନିୟୋଜିତ ବହୁ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ବାହାର ଜିଲ୍ଲାକୁ ବଦଳି ହୋଇଛି । ତା ବଦଳରେ ଏଠାକୁ ସ୍ୱଳ୍ପ ମାତ୍ରାରେ ନିଯୁକ୍ତି ପ୍ରଦାନ କରାଯାଇଛି । ଉଦ୍ଭିଦ ବିଜ୍ଞାନ ବିଭାଗରେ ୬ ଜଣ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି ହୋଇଛି । କଙ୍କୋରଡ଼ା କଲେଜ, ଗଞ୍ଜାମ ମହାବିଦ୍ୟାଳୟ, ଶ୍ରୀ ଭରତପତି ମହାବିଦ୍ୟାଳୟ ସାମନ୍ତିଆପଲ୍ଲୀ, କେଏସ୍‌ୟୁଜି ଭଞ୍ଜନଗର, ତାରାତାରିଣୀ ମହାବିଦ୍ୟାଳୟ ପୁରୁଷୋତ୍ତପୁର ଆଦି କଲେଜ ମାନଙ୍କରୁ ୬ ଜଣ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଯଥାକ୍ରମେ ବାଲେଶ୍ୱର, ମୟୂରଭଞ୍ଜ, ଖୋର୍ଦ୍ଧା, ଯାଜପୁର, ମୟୂରଭଞ୍ଜ, ବଲାଙ୍ଗୀର ଆଦି ଜିଲ୍ଲାକୁ ବଦଳି ହୋଇଛି । ସେହିଭଳି ବାଣିଜ୍ୟ ସ୍ରୋଜଡ଼ର ଭଞ୍ଜନଗର, ଆସିକା ଆଇସିଏମ୍ ଖଲ୍ଲିକୋଟ ଆଦି ମହାବିଦ୍ୟାଳୟରୁ ପ୍ରାୟ ୫ ଜଣଙ୍କୁ ଯଥାକ୍ରମେ ଝାରସୁଗୁଡ଼ା, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ପ୍ରଭୃତି ଜିଲ୍ଲାକୁ ବଦଳି କରାଯାଇଥିବା ବେଳେ ଏହି ବିଭାଗରେ ଗଞ୍ଜାମରେ ଅଧ୍ୟାପକ ଅଧ୍ୟାପିକା ସଂଖ୍ୟା ପ୍ରାୟ ଖାଲି ହୋଇଯାଇଛି । ଅନୁରୂପ ଭାବେ ଅର୍ଥନୀତି ବିଭାଗରେ ଆରସିଏମ୍ ଖଲ୍ଲିକୋଟ, ମହାମାୟୀ ମହିଳା ମହାବିଦ୍ୟାଳୟ, କେନ୍ଦୁପଦର, ପାଟପୁର, ପୋଲସରା ପ୍ରମୁଖ ମହାବିଦ୍ୟାଳୟରୁ ଅଧ୍ୟାପକ ଅଧ୍ୟାପିକାଙ୍କୁ କଟକ, ଭଦ୍ରକ, ରାଉରକେଲା, ଝାରସୁଗୁଡ଼ା ପ୍ରଭୃତି ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟକୁ ବଦଳି ହୋଇଥିବା ବେଳେ ଏଠାରେ ପଦବୀ ଖାଲି ପଡ଼ିବା ଏକ ପ୍ରକାର ଥୟ ହୋଇଛି । ସେହିପରି ଇଂରାଜୀ ବିଭାଗରେ କବିସୂର୍ଯ୍ୟ ବଳଦେବ ରଥ ମହାବିଦ୍ୟାଳୟ ଗଞ୍ଜାମରୁ ଜଣଙ୍କୁ କଟକ ବଦଳି ହୋଇଥିବା ବେଳେ ହିନ୍ଦୀ ବିଭାଗରେ ଆସିକା କଲେଜର ଜଣେ ଅଧ୍ୟାପକଙ୍କୁ କେଉଁଝରେ ବଦଳି ହୋଇଛି । ଅନୁରୂପ ଭାବେ ଇତିହାସ ବିଭାଗରେ ପୋଲସରା, ଆରସିଏମ୍ ଖଲ୍ଲିକୋଟ, ରାମାଧୀନ ସଂସ୍କୃତି ମହାବିଦ୍ୟାଳୟ ବ୍ରହ୍ମପୁରରୁ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ କନ୍ଧମାଳ ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟକୁ ବଦଳି ହୋଇଛି । ଫିଲୋସୋଫି ବିଭାଗରେ ଭଞ୍ଜନଗର ମହାବିଦ୍ୟାଳୟର ଜଣେ ଅଧ୍ୟାପିକାଙ୍କୁ କଟକ ବଦଳି ହୋଇଥିବା ବେଳେ ଗଣିତ ବିଭାଗରେ ମହାମାୟୀ ମହିଳା ମହାବିଦ୍ୟାଳୟ ବ୍ରହ୍ମପୁର, ଆରସିଏମ୍ କଲେଜ ଖଲ୍ଲିକୋଟ, ହିଞ୍ଜିଳିକାଟୁ ମହାବିଦ୍ୟାଳୟ ଓ ନୂଆପଡ଼ା କଲେଜରୁ ଯଥାକ୍ରମେ ଯାଜପୁର, ଜଗତସିଂହପୁର, କଟକ ଓ ସମ୍ବଲପୁର ଜିଲ୍ଲାକୁ ବଦଳି ହୋଇଛି । ସେହିଭଳି ଓଡ଼ିଆ ଭାଷା ବିଭାଗରେ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ ବ୍ରହ୍ମପୁର, ଶ୍ରୀ ଭରତପତି ମହାବିଦ୍ୟାଳୟ ସାମନ୍ତିଆପଲ୍ଲୀ, ଆସିକା ବିଜ୍ଞାନ ମହାବିଦ୍ୟାଳୟ ଓ କେଏସ୍‌ୟୁବି ଭଞ୍ଜନଗରରୁ ୪ଜଣ ଅଧ୍ୟାପକଙ୍କୁ ଯଥାକ୍ରମେ କେଉଁଝର, ସମ୍ବଲପୁର, ଖୋର୍ଦ୍ଧା ଓ କଟକ ଜିଲ୍ଲାକୁ ବଦଳି ହୋଇଛି । ଯେଉଁ ମାତ୍ରାରେ ଏହି ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ବଦଳି ହୋଇଛି । ସେହି ମାତ୍ରାରେ ଜିଲ୍ଲାକୁ ଅଧ୍ୟାପକ/ଅଧ୍ୟାପିକାଙ୍କୁ ନିଯୁକ୍ତି ଦିଆଯାଇନି । ଏ ଦିଗରେ ଜିଲ୍ଲାର ନିର୍ବାଚିତ ଜନ ପ୍ରତିନିଧିମାନେ ମଧ୍ୟ ନୀରବ ରହିଥିବା ବେଳେ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଜଳୁଛି । ଆଗାମୀ ଦିନରେ ଏନେଇ ବ୍ୟାପକ ଆନ୍ଦୋଳନ ଗଢ଼ି ଉଠିବ ବୋଲି ବିଭିନ୍ନ ଛାତ୍ର ସଂଗଠନମାନେ ମତ ଦେଇଛନ୍ତି ।

# ବିପଦସଂକୁଳ ଘରେ ଚାଲିଛି ଉପନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟ ଉଇ ଲାଗି ନଷ୍ଟ ହେବାକୁ ବସିଲାଣି ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ସଦରରେ ଥିବା ଉପନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟ ଦୀର୍ଘ ବର୍ଷ ହେବ ଭଙ୍ଗା ଦଦରା ବିପଦପୂର୍ଣ୍ଣ ଗୃହ ମଧ୍ୟରେ ଚାଲୁଅଛି । କେଉଁଠି ଘରର ଛାତରୁ ଋଡ଼ ଦେଖାଗଲାଣି କେଉଁଠି ଛାତରୁ ପ୍ଲାଷ୍ଟର ଖସିଲାଣି ତ କେଉଁଠି କାନ୍ଥ ଫାଟି ଆଁ କଲାଣି ତାହାରି ତଳେ ବିପଦପୂର୍ଣ୍ଣ ଅବସ୍ଥାରେ ସରକାରୀ ଅଫିସରମାନେ କାର୍ଯ୍ୟ ତୁଲାଉଛନ୍ତି । କେତେବେଳେ ଯେ ବର୍ଷା ହେଲେ ଛାତରୁ ପାଣି ଗଡି ଅଫିସରେ ଥିବା କାଗଜପତ୍ର ଓଦା ହୋଇ ନଷ୍ଟ ହେବାକୁ ବସିଲାଣି ତ କେତେବେଳେ ଛାତ ଭୁଶୁଡ଼ି ପଡ଼ିବ ତାହା କହି ହେବ ନାହିଁ । ଏହି ଘର ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ପ୍ରଶାସନ ନିଦରେ ଶୋଇଛି । ରାଜ୍ୟ ସରକାର କି ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ନେତାଙ୍କର ଏହି କାର୍ଯ୍ୟାଳୟ ଉପରେ ନଜର ପଡୁନି । କାର୍ଯ୍ୟାଳୟରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ନଷ୍ଟ ହେବାକୁ ବସିଲାଣି । ରାଜସ୍ୱ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସାଧାରଣ ଲୋକଙ୍କ ରେକର୍ଡ ପତ୍ର ଅସୁରକ୍ଷିତ ଭାବେ ପଡ଼ିରହିଛି । ରାଜ୍ୟ ସରକାର ବିକାଶର ନାରା ଦେଉଥିବା ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଜରାଜୀର୍ଣ୍ଣ ଅବସ୍ଥାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି । ଏହି କାର୍ଯ୍ୟାଳୟ ଦୀର୍ଘ ଦିନ ହେବ ପ୍ରତିଷ୍ଠା ହୋଇଥିବା ବେଳେ ଏପର୍ଯ୍ୟନ୍ତ ଏହାର ପୁନରୁଦ୍ଧାର ଆଉ ହୋଇପାରିନାହିଁ । ସାମାନ୍ୟ ବର୍ଷା ହେଲେ ଏଠି କାର୍ଯ୍ୟାଳୟ ବର୍ଷାପାଣିରେ ଭାସେ । ତେଣୁ ଲୋକମାନେ ବିଭିନ୍ନ କାମ ନେଇ ଆସୁଥିବା ବେଳେ ନାହିଁ ନଥିବା ହଇରାଣ ହେଉଛନ୍ତି । ଆଳି ବ୍ଲକରେ ଅନେକ ଅଫିସ ଗୃହ ରୂପାନ୍ତରିକରଣ ହେଉଥିବା ବେଳେ ଉପ ନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟକୁ ଅଣଦେଖା ନେଇ ଜିଲ୍ଲା ପ୍ରଶାସନ ଓ ଆଳି ବିଧାୟକଙ୍କୁ ଏ ବିଷୟରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି । ତେଣୁ ଏଠି ପ୍ରଶ୍ନ ଉଠେ ଯେ, ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଉପ ନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟ ଘର ଭାଙ୍ଗି କିମ୍ବା ବିଜୁଳି ଘଡ଼ଘଡ଼ିରେ, ଯଦି କାର୍ଯ୍ୟାଳୟ କିମ୍ବା ସାଧାରଣ ଜନତାଙ୍କର କିଛି କ୍ଷତି ହୁଏ, ତେବେ ଏଥିପାଇଁ ଦାୟୀ କିଏ ରହିବେ । ଏ ସମ୍ପର୍କରେ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ପଚରିବାରୁ ସେ କୁହନ୍ତି, ଉପନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟଟି ଏକ ପୁରାତନ କୋଠାରେ ଚାଲୁଅଛି ମୁଁ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛି ଯଥାଶୀଘ୍ର ଏ ବିଷୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ।

## ଏଟିଏମ୍ ଅଚଳ : ଗ୍ରାହକ ହନ୍ତସନ୍ତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ବ୍ୟାଙ୍କ ଉପଭୋକ୍ତାମାନଙ୍କ ସୁବିଧା ଦୃଷ୍ଟି ବିଭିନ୍ନ ସ୍ଥାନରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହ ଏଟିଏମ୍ କାଉଣ୍ଟର ପ୍ରତିଷ୍ଠା କରିଛନ୍ତି । ହେଲେ ଏଟିଏମ୍ କାଉଣ୍ଟର ଅଚଳ ହେବା ଫଳରେ ବ୍ୟାଙ୍କ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ମଧୁବନ ଚନ୍ଦନ ବଜାର ଅଞ୍ଚଳରେ । ଏଠାରେ ଜନସାଧାରଣଙ୍କ ଦାବି ମୁତାବକ ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କ ନିମନ୍ତେ ଏହି ସ୍ଥାନରେ ଏସବିଆଇ ଓ ଏଚଡିଏଫସି ଏଟିଏମ୍ କାଉଣ୍ଟର ବସାଇଛନ୍ତି । କିଛି ଦିନ ଚାଲିବା ପରେ ଏବେ ଅଚଳ ହୋଇପଡ଼ିଛି । ଏ ନେଇ ସ୍ଥାନୀୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଉକ୍ତ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ଅଚଳ ମେସିନକୁ ସଚଳ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି ।

# ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅନିୟମିତତା



**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ମାତ୍ରାରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଫଳରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି । ବିଶେଷ କରି ପାଲିବନ୍ଧ ଗ୍ରାମପଞ୍ଚାୟତରେ ଏହି ଯୋଜନାରେ ଅଧିକ ମାତ୍ରାରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଏନେଇ ପୂର୍ବତନ ସମିତିସଭ୍ୟ ଛାୟାକାନ୍ତ ପ୍ରଧାନ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଛନ୍ତି । ଅଧିକାରୀମାନେ ଏହାର ତଦନ୍ତ କରାଯିବ ବୋଲି ତାଙ୍କୁ କହିଥିବା ନେଇ ସୂଚନା ମିଳିଛି ।

ସୂଚନାଯୋଗ୍ୟ, ଏହି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡିକରେ ଜବ୍ କାର୍ଡ଼ଧାରୀ ମାନେ କାମ କରିବାକୁ ନିୟମ ରହିଥିବା ବେଳେ କେତକ ସ୍ଥାନରେ ମେସିନ ଲଗାଯାଉଛି । ଫଳରେ ଲୋକଙ୍କୁ କାମ ମିଳୁନି । କେତେକ ସ୍ଥାନରେ କାମ ଅତି ନିମ୍ନ ମାନର କାମ ହେଉଥିବାବେଳେ ମେଟେରିଆଲ ବିଲ୍ ଅଧିକ କରାଯାଉଛି । ଅନ୍ୟପଟେ ଏହି ଯୋଜନାର ଅନ୍ତର୍ଭୁକ୍ତ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ହେଉଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କିଛି ନ ହୋଇ ଲୋକଙ୍କୁ ପେମେଣ୍ଟ ଦିଆଯାଇଛି । କୌଣସି ସ୍ଥାନରେ ଗଛ ଠିକ୍ ଭାବେ ଲଗା ନ ଯାଇ କେବଳ କାଗଜ ପତ୍ରରେ ଦର୍ଶାଯାଉଛି । ବିଭାଗର କିଛି କର୍ମଚାରୀଙ୍କ ଶଳାସୁତୁରାରେ ଏହି କାର୍ଯ୍ୟ ଚାଲିଛି । ସେହିପରି ପୋଖରୀ ଖନନ ପ୍ରକଳ୍ପ ମଧ୍ୟ ମେସିନ ଲଗାଇ କରାଯାଉଛି ବୋଲି ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ତଦନ୍ତ କରିବାକୁ ସେ ଦାବି ଜଣାଇଛନ୍ତି ।

## ୨୯.୭୫ ଗ୍ରାମ ବ୍ରାଉନ ସୁଗାର ଜବତ, ୨ ଗିରଫ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ସମଗ୍ର ଓଡ଼ିଶାରେ ଚୋରା ବ୍ରାଉନସୁଗାର ପେଣ୍ଠ ଭାବେ ଭଦ୍ରକ ବେଶ୍ ଜଣାଶୁଣା । ଏଠାରେ ପୁଲିସ୍ ଠାରୁ ଆରମ୍ଭ କରି କେନ୍ଦ୍ର ଅବକାରୀ ଗୁଇନ୍ଦା ବିଭାଗ ପର୍ଯ୍ୟନ୍ତ ଯେତେ ଧଳା ଜହର ରୂପୀ ଏହି ବ୍ରାଉନସୁଗାରକୁ ଜବତ କରି ବହୁ ଲୋକଙ୍କୁ ଜେଲ୍‌କୁ ପଠାଇଥିଲେ ମଧ୍ୟ ଏହା ଥମୁନାହିଁ । ଏହାର ଚେର କେବଳ ଭଦ୍ରକ ନୁହେଁ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର ଓ ଭୁବନେଶ୍ୱର ପର୍ଯ୍ୟନ୍ତ ବ୍ୟାପିଛି । ତେବେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ୍ କୌଣସି ସୂତ୍ରରୁ ଖବର ପାଇ ୧୬ନଂ ଜାତୀୟ ରାଜପଥର ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଗାଡ଼ି ଚେକିଂ କରୁଥିବା ସମୟରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକାଇ ତାଙ୍କ ନିକଟରୁ ୨୯.୭୫ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଗୋଟାଏ ମୋବାଇଲ ଫୋନ, ଗୋଟାଏ ସ୍କୁଟି ଗାଡ଼ି, ଗୋଟାଏ ବ୍ୟାଗ୍ ଭିତରେ ଦୁଇଟି ଷ୍ଟିଲ୍ ପ୍ଲେଟ୍ ଓ ଓଜନ କଣ୍ଟା ଓ ୩ ହଜାର ଟଙ୍କା ଜବତ କରିଛି । ଏ ସଂପର୍କରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ସହରାଞ୍ଚଳ ଥାନା ଅଧୀନସ୍ଥ ଅପର୍ତ୍ତିବିନ୍ଧା ମିର ସାହି ନିବାସୀ ସେକ୍ ତୋବାରକଙ୍କ ପୁଅ ସେକ୍ କୌସର (୨୩) ଏବଂ ଯାଜପୁର ଜଲ୍ଲା ଟାଉନ୍ ଥାନା ଅଧୀନସ୍ଥ ସନ୍ତୁମାଧବପୁର ଗ୍ରାମର ସନାତନ ବେହେରାଙ୍କ ପୁତ୍ର ବଳରାମ (୩୬)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି । ଏହି ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ହେବା ନେଇ ଅତିରିକ୍ତ ଏସ୍‌ପି ଶ୍ରୀ କହିଛନ୍ତି । ତେବେ ଏଥିରେ ଆଉ କେଉଁମାନେ ସମ୍ପୃକ୍ତି ରହିଛନ୍ତି ଏବଂ ଏହା କେଉଁଠୁ ଆସି କେଉଁଠିକୁ ଯାଉଥିଲା, ତାହା ନେଇ ଅଧିକ ତଦନ୍ତ ହେଲେ ଜଣାପଡିବ ବୋଲି ଅତିରିକ୍ତ ଏସପି ଶ୍ରୀ ବେହେରା କହିଛନ୍ତି ।

# ଲଗାଣ ବର୍ଷା ଯୋଗୁଁ ପରିବା ଦର ହେଲା ଆକାଶ ଛୁଆଁ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଲଗାଣ ବର୍ଷା ଫଳରେ ଅନେକ ତଳିଆ ଅଞ୍ଚଳରେ କ୍ଷେତ ଜମିରେ ବର୍ଷା ଜଳ ଜମି ରହିଛି । ଫଳରେ ପରିବା ଫସଲ ଉପରେ ପ୍ରଭାବ ପଡିଛି । ଫସଲ ଅମଳ ପ୍ରଭାବିତ ହେବା ଫଳରେ ଏବେ ପରିବା ଦର ଉପରମୁହାଁ ହୋଇଛି । ଫଳରେ ଖାଉଟିମାନେ ପ୍ରବାଭିତ ହୋଇଛନ୍ତି । ଯାଜପୁର ଜିଲ୍ଲାର ବଡ଼ଚଣା, ଧର୍ମଶାଳା, ରସୁଲପୁର ଓ ବରୀ ବ୍ଲକ ତଳିଆ ଅଞ୍ଚଳ ଭାବେ ବେଶ୍ ଜିଲାରେ ପରିଚିତ । ପାଖାପାଖି ୮୦ ପ୍ରତିଶତ ଚାଷୀ ସାଧାରଣତଃ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରନ୍ତି । ଏବେ ସାରା ରାଜ୍ୟରେ ଲଗାଣ ବର୍ଷା ହେବା ଫଳରେ ଚାଷୀର ମେରୁଦଣ୍ଡ ଭାଙ୍ଗି ଯାଇଛି । ବିଶେଷ କରି ଧର୍ମଶାଳା ଓ ରସୁଲପୁର ବ୍ଲକରେ ଚାଷ ଉପରେ ବେଶୀ ପ୍ରଭାବ ପଡ଼ିଛି । ଶହଶହ ହେକ୍ଟର ଚାଷ ଜମି ଉପରେ ବ୍ୟାପକ କ୍ଷତି ପହଞ୍ଚାଇଛି । ଚାଷ ଜମିରେ ଚାଷୀ ବାଇଗଣ, ଭେଣ୍ଡି, କାକୁଡ଼ି, ଜହ୍ନି, ବିଲାତି, କଲରା ଓ ଝୁଡ଼ୁଙ୍ଗ ଭଳି ପରିବା ଚାଷ କରନ୍ତି । ପରିବା କ୍ଷେତରେ ପାଣି ଜମିରହିବା ଫଳରେ ଚାଷୀ ଏବେ ଚିନ୍ତାରେ ପଡ଼ିଛି । ଗଛ ମୂଳରେ ପାଣି ଜମିବା ଫଳରେ ଗଛରୁ ଫଳ କମିଯାଇଛି । ଫଳରେ ଅଞ୍ଚଳରେ ପରିବା ଅଭାବ ଦେଖାଦେଇଛି । ଏଥିପାଇଁ ବଜାରରେ ପରିବା ଦର ଆକାଶ ଛୁଆଁ ହୋଇଛି । ଅନ୍ୟପଟେ ପରିବା ଦର ବୃଦ୍ଧି ପାଇବା ଫଳରେ ଖାଉଟିଙ୍କ ଚିନ୍ତା ବଢିଛି ।

## ପାଟନାଳୀ ହେଉନି ସଫେଇ : ଜମି ରହୁଛି ଉଦ୍‌ବୃତ ପାଣି, ଚାଷଜମି ଜଳମଗ୍ନ-ଚିନ୍ତାରେ ଚାଷୀ

**ସାଲେପୁର, ନ୍ୟୁଜ୍‌ବ୍ୟୁରୋ**

କଟକ ଡ୍ରେନେଜ୍ କଟ୍ ପକ୍ଷରୁ ପ୍ରତିବର୍ଷ ଡ୍ରେନେଜ୍ ସଫା ହେବାକୁ ଅର୍ଥ ମଞ୍ଜୁର ହୋଇଥାଏ । ତାହା କେବଳ ଠିକାଦାର ଯନ୍ତ୍ରୀ ଜାଣିଥାଆନ୍ତି । ଚାଷୀଙ୍କୁ ଅଜ୍ଞାତରେ ରଖି ଲୁଟି ଖାଇଥାଆନ୍ତି ଠିକାଦାର ଯନ୍ତ୍ରୀ ହେଲେ ଚାଷୀମାନେ ଚାଷ କରିନପାରି ମୁଣ୍ଡରେ ହାତ ଦେଇ ବସିଥାଆନ୍ତି । ଏବେ ଚାଷୀମାନେ ତଳିଘେରା ପ୍ରସ୍ତୁତ କରି ତଳି ପକାଇବା ସହ ଯେଉଁଚାଷୀମାନେ ଧାନ ବୁଣାକାମ (ବୁଆ)କରିଛନ୍ତି ସେହି ଚାଷଜମିଗୁଡ଼ିକ ଏବେ ଜଳମଗ୍ନ ହୋଇ ରହିଛି ହଳରେ ଚାଷୀ ନା ପକାଇପାରିଛି ଧାନ ତଳି ନା କରିପାରୁଛି ବୁଆ ବେଉଷଣ । ବୁଆ ଧାନ କିଆରୀରେ ଆଣ୍ଠୁଏ ପାଣି । ପାଣି ଜମିରହିବା ଫଳରେ ଧାନ ଗଛଗୁଡିକ କଟିବାରେ ଲାଗିଲାଣି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବଗୁଲିପଡ଼ା ମାଇନର ପାଟନାଳୀରେ । ଏହି ପାଟନାଳୀ ନଗସପୁର ବାଲିଗରଡାଠାରୁ ଦାଉଦପୁର, ବୋଧଙ୍ଗ, ବଙ୍ଗୁଲୀପଡ଼ା ଓ ନରାଜପୁର ଦେଇ ପ୍ରବାହିତ । ଏହି ପାଟନାଳୀ ସଫେଇ ନହେବାରୁ ସେ ଅଞ୍ଚଳର ଶହ ଶହ ଏକର ଚାଷଜମିରେ ଚାଷ କାମ ହେବା ପାଇଁ ଆଶଙ୍କା ଦେଖାଦେଇଛି । ପ୍ରତିବର୍ଷ ସଫେଇ ନାଁରେ ଲକ୍ଷ ଲକ୍ଷ ଟଙ୍କା ଆସୁଥିଲେ ମଧ୍ୟ ସଠିକ୍ ସମୟରେ ପାଟନାଳୀ ସଫେଇ ନହେବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଚାଷୀଙ୍କ ଅଭିଯୋଗ ପାଇଲା ପରେ ନିର୍ବାଚିତ ଜନପ୍ରତିନିଧିମାନେ ଆସି ମିଛି ମିଛିକା ତଦନ୍ତ କରି ତୁରନ୍ତ ସମାଧାନ ହେବାର ପ୍ରତିଶ୍ରୁତି ଦେଇ ଚାଲିଯାଆନ୍ତି । ହେଲେ ଚାଷୀରଭାଗ୍ୟ ବଦଳେ ନାହିଁ । ଡ୍ରେନେଜ କଟ୍‌ର ଅଧିକାରୀମାନେ ଏହି ଅଞ୍ଚଳକୁ କେବେ ବୁଲିବାକୁ ଆସିନଥାଆନ୍ତି । ଏଥିପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟବିଧାୟକ ଟିକିଏ ଦୃଷ୍ଟିଦେଲେ ଚାଷୀମାନେ ସେମାନଙ୍କର ଚାଷକାର୍ଯ୍ୟ ସୁରୁଖୁରୁରେ କରିପାରିବେ ବୋଲି ଅଞ୍ଚଳରଚାଷୀମାନେ କହିଛନ୍ତି ।

## ଉତ୍କଟ ଶବ୍ଦ କରୁଥିବା ବୁଲେଟ୍ ସାଇଲେନ୍ସର ଖୋଲିଲା ପୁଲିସ୍

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଗତ କିଛିମାସ ଧରି ଭଦ୍ରକ ଜିଲ୍ଲାରେ ବହୁ ଅସାମାଜିକ ଯୁବକ ବୁଲେଟ୍‌ମାନଙ୍କରେ ଉତ୍କଟ ଶବ୍ଦ କରୁଥିବା ସାଇଲେନ୍ସର ଲଗାଇ ପରିବେଶକୁ ଦୂଷିତ କରିଆସୁଛନ୍ତି । ଏପରିକି ଏହି ସାଇଲେନ୍ସରେ ବାଣ ଫୁଟିବା ଭଳି ବିକଟାଳ ଶବ୍ଦ ଲୋକମାନଙ୍କୁ ଭୟଭୀତ କରୁଛି । ତେବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ସହରାଞ୍ଚଳ ଥାନା ପୁଲିସ୍ ପ୍ରଭାଂଶୁ ମିଶ୍ର ଏକ ଟିମ୍ ମାଧ୍ୟମରେ ସହରର ୧୦ଟି ବୁଲେଟ୍‌କୁ ଅଟକାଇ ତାହାର ସାଇଲେନ୍ସର ଜବତ କରିଛନ୍ତି ଏବଂ ଏହି ଧାରା ଆଗାମୀ ଦିନରେ ଚାଲୁ ରହିବ ବୋଲି ଶ୍ରୀ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଡେଙ୍ଗୁ ଡାଇରିଆକୁ ନିମନ୍ତ୍ରଣ : ସମସ୍ୟା ସମାଧାନ କରିବା ପାଇଁ ଗ୍ରାମବାସୀଙ୍କ ଦାବି

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ସଦରରେ ଥିବା ଝୋଡ଼ିଆ ସାହିରେ ଡେଙ୍ଗୁ ଡାଇରିଆକୁ ନିମନ୍ତ୍ରଣ କରିବା ଭଳି ପରିସ୍ଥିତି ଦେଖାଦେଇଛି । କିଛି ଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଗ୍ରାମର ସମସ୍ତ ଅଳିଆ ଆବର୍ଜନା ଦୁର୍ଗନ୍ଧ ପଚା ପାଣି ଝଡ଼ିଆ ସାହି ଦେଇ ନିକଟରେ ଥିବା ପୋଖରୀରେ ଜମା ହେଉଛି । ଯାହାଫଳରେ ଉକ୍ତ ସାହିରେ ଯାତାୟାତ କରିବା ଅସମ୍ଭବ ହୋଇପଡ଼ିଛି । କାଦୁଅ ପଚପଚକୁ ଦୁର୍ଗନ୍ଧରେ ନାକ ଫାଟି ଯାଉଛି । ସ୍ଥାନେସ୍ଥାନେ ପାଣି ଜମି ରହୁଛି । ନିକଟରେ ଥିବା ପୋଖରୀ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି । ଏମିତିକି ବହୁତ୍ ଦିନ ହେଲାଣି ଡ୍ରେନ୍ ସଫା ହୋଇନାହିଁ ଏବଂ ନିକଟରେ ଥିବା ପୋଖରୀ ସଫା ନ ହୋଇ ଥିବାରୁ ଦୂଷିତ ପାଣି ଜମି ଦୁର୍ଗନ୍ଧ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏ ନେଇ ସରପଞ୍ଚଙ୍କୁ ଜଣେଇବା ପରେ କିଛି କାର୍ଯ୍ୟକାରୀ ହେଇ ନ ଥିବା ଲୋକ କହିଛନ୍ତି । ଏହି ଦୁଇ ନମ୍ବର୍ ୱାର୍ଡ଼ରେ ୱାର୍ଡସଦସ୍ୟ ମଧ୍ୟ ନ



ଥିବାରୁ ସାହିର ଉନ୍ନତି କାମ କିଛି ହେଇ ପାରୁନାହିଁ ବୋଲି ଚାମିଆ ଲୋରା, ଅନନ୍ତ ଜାନି, ଟୁମ୍ବାଲିଆ ବଦଲି ଏବଂ ସାହିବାସୀ କହିଛନ୍ତି ।

ଏହାକୁ ତୁରନ୍ତ ପ୍ରସାଶନ ପକ୍ଷରୁ ସଫା କରା ନ ଗଲେ ଡେଙ୍ଗୁ, ଡାଇରିଆ ଭଳି ମାରାତ୍ମକ ରୋଗରେ ଶିକାର ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି । ଅନ୍ୟ ପଟେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆରୁ ନିବୃତ ରହିବା ପାଇଁ ସଚେତନତା କରୁଥିବା ବେଳେ ଶିକରପାଇର ଝଡିଆ ସାହିରେ ଏହି ଅବସ୍ଥା ଦେଖିଲେ ସ୍ୱାସ୍ଥ୍ୟ ବିଭାଗ ଓ ପଞ୍ଚାୟତ ପକ୍ଷରୁ ବ୍ଲିଚିଂ, ଡିଡିଟି ସିଞ୍ଚନ କରାଯାଉନଥିବା ଜଣାପଡୁଛି । ଏହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାକୁ ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ଜଳସ୍ତର ବୃଦ୍ଧି ପୂର୍ବରୁ ମାଫିଆଙ୍କ ବାଲି ସଞ୍ଚୟ ଚଢ଼ା ଦରରେ ବାଲି ବିକ୍ରି, ପ୍ରଶାସନ ନିରବ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ବର୍ଷା ଆରମ୍ଭ ହୋଇଯାଇଛି । ନଦୀରେ ଜଳସ୍ତର ବୃଦ୍ଧି ଧୀରେ ଧୀରେ ହୋଇଛି । ହେଲେ ବାଲି ଦର ବୃଦ୍ଧି ପାଇଛି । ହଠାତ ଦର ବୃଦ୍ଧିର କାରଣ ପଚାରିଲେ ଘାଟରେ ଟ୍ରକ୍ ପିଛା ଅଧିକା ଦେବାକୁ ପଡୁଛି ବୋଲି କୁହାଯାଉଛି । ଅନ୍ୟପଟେ, ଆଗକୁ ବର୍ଷା ୪ ମାସ ପାଇଁ ଏବେଠାରୁ ବାଲି ରଖିବ ଆରମ୍ଭ ହୋଇଯାଇଛି । ରାତି ଅଧିଆ ହାଇୱା ଟ୍ରକ୍ ଯୋଗେ ଘାଟରୁ ବାଲି ନେଇ ବିଭିନ୍ନ ସ୍ଥାନରେ ଜମା କରାଯାଉଛି । ବର୍ଷା ଦିନେ ସେହି ବାଲିକୁ ଆହୁରି ଅଧିକରେ ବିକ୍ରି କରାଯିବ । ଏଭଳି ବେଆଇନ କାରବାର କରି ବାଲି ମାଫିଆ ଲାଭବାନ ହେଉଥିଲା ବେଳେ ଘାଟାରେ ପଡୁଛନ୍ତି ସାଧାରଣ ଗ୍ରାହକ । କିନ୍ତୁ ପ୍ରଶାସନର ଏଥିପ୍ରତି ନିଘା ନାହିଁ । ଟ୍ରିପ୍ ପିଛା ଛଅ ଶହ ଟଙ୍କାକୁ ବୃଦ୍ଧି ପାଇଛି । ଏବେ ବାଲି ଟ୍ରାକ୍ଟର ପିଛା ୨୪ ଶହରୁ ୨୫ ଶହ ଟଙ୍କା ନିଆଯାଉଛି । ବୃଦ୍ଧି ହେବା ପଛରେ ମାଫିଆଙ୍କ ମନୋବୃତ୍ତି ଥିବା କୁହାଯାଇଛି । ସାଧାରଣତଃ ଲଗାଣ ବର୍ଷା ମାସକରେ ଟ୍ରିପ୍ ପିଛା ୮୦୦ରୁ ୧୨୦୦କୁ ବୃଦ୍ଧି ହୋଇଛି । ଜୁଲାଇରୁ ଅକ୍ଟୋବର ଯାଏ ୫ ଗୁଣା ଅର୍ଥରେ ବିକି ଲାଭବାନ ହେଉଛନ୍ତି ଲିଜ୍‌ଧାରୀ/ଚାଲାଣକାରୀ । ଅଧିକାଂଶ ଘାଟ ଉପରେ ଅଙ୍କୁଶ ଲାଗିବା ସହ ଏବେବି ବାଲି ଉଠାଣ ଜାରି ରହିଛି । ତେବେ ବାଲି ଯେଉଁ ଘାଟରୁ ଆସିଲେ ବି ସହରରେ ଟ୍ରାକ୍ଟର ଟ୍ରିପ୍ ପିଛା ୧୮ ଶହ ଟଙ୍କା ଥିଲା । କିନ୍ତୁ ଗଲା ରଜ ସଂକ୍ରାନ୍ତି ପରଠୁ ହଠାତ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ବୃଦ୍ଧି ପରେ ଘାଟଗୁଡିକ ବନ୍ଦ ହୋଇଯାଏ । ଏଭଳି ସ୍ଥିତି ସବୁବେଳେ ଲାଗିରହିବାରୁ ଚଳିତ ଥର ବାଲି ମାଫିଆମାନେ ଆଗୁଆ ସତର୍କ ହୋଇପଡ଼ିଛନ୍ତି । ମାଫିଆମାନେ ଏବେଠାରୁ ବାଲି ଆଣି ସଞ୍ଚୟ କରୁଥିବା ଦେଖିବାକୁ ମିଳୁଛି । ପ୍ରତି ରାତି ୧୨ଟାରୁ ଭୋର ସମୟ ମଧ୍ୟରେ ସଂଖ୍ୟାଧିକ ଟ୍ରାକ୍ଟର ଓ ହାଇୱାରେ ବାଲି ବୋଝେଇ କରି ସହର ଓ ଉପକଣ୍ଠକୁ ନେଇ ଜମା କରାଯାଉଛି । ନଦୀରେ ପାଣି ଆସିବା ପରେ ତାହାକୁ ଟ୍ରିପ୍ ପିଛା ୫ ଗୁଣା ଅଧିକ ଦାମରେ ବିକ୍ରି କରାଯିବ । ଏହି ବେଆଇନ କାରବାରରେ ଚାଲାଣକାରୀ ଲାଭବାନ ହେଉଛନ୍ତି । ଘାଟ ଲିଜ୍‌ଧାରୀ ସବୁ କଟକଣା ଭୁଲି ଧାର୍ଯ୍ୟ ଠାରୁ ଅଧିକ ବାଲି ଖନନ କରୁଥିଲା ବେଳେ ତାଙ୍କୁ ଅଧିକ ଦର ଦେଇ ଚାଲାଣକାରୀମାନେ ବାଲି ନେଇ ଠୁଳ କରୁଛନ୍ତି । ଏପଟେ ବାଲିର ଅଭାବ, ନଦୀରେ ଜଳସ୍ତର ବୃଦ୍ଧିକୁ ଆଳ କରି ଦର ବୃଦ୍ଧି କରାଯାଇଛି । ଏପରିକି ଅର୍ଥ ଲୋଭରେ ମାଫିଆମାନେ କେତେକ ବନ୍ଦ ଥିବା ବାଲିଘାଟରୁ ଖନନ କରିବା ଅଭିଯୋଗ ହେଉଛି । ଜୁଲାଇରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ନଦୀରୁ ବାଲି ଉଠାଣ ସମ୍ଭବ ହେବନାହିଁ । ଏହି ସୁଯୋଗରେ ମାଫିଆମାନେ ଆସନ୍ତା ୪ ମାସ ବାଲି ବିକ୍ରି କରି ମୋଟା ଅଙ୍କର ଆୟ କରିବେ । ଏଥିପାଇଁ ଅଞ୍ଚଳ ଜିଲ୍ଲା ପ୍ରଶାସନ, ପୋଲିସ କିମ୍ବା ଖଣି ବିଭାଗ ଏ ପ୍ରତି ଦୃଷ୍ଟି ଦେଉନାହାନ୍ତି । ଏଥିରେ ରୋକ ଲଖାଇବାକୁ ସାଧାରଣରେ ବାଟି ହୋଇଛି ।

## ରଣପୁର ହାୱା ମହଲକୁ ସବୁ ଦିନିଆ ନୌଚାଳନା ଦାବି

**ରଣପୁରଗଡ, ନ୍ୟୁଜ୍‌ବ୍ୟୁରୋ**

ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଆଖ ପାଖରେ ଅନେକ ଦର୍ଶନୀୟ ସ୍ଥାନ ରହିଛି । ଯାହାକି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । କିନ୍ତୁ ଭିତ୍ତିଭୂମିର ବିକାଶ ଆବଶ୍ୟକ ହେଉଥିବା ବେଳେ ଅବହେଳିତ ହେବା ଯୋଗୁଁ ଅନେକ ରାଜସ୍ୱ ହାତଛଡ଼ା ହେଉଥିବା ଅଭିଯୋଗ ହେଉଛି । ସେଭଳି ଏକ ଅବହେଳିତ ସ୍ଥାନ ହେଉଛି ହାୱା ମହଲ । ଭୋଜ ରାଜାଙ୍କ ଶୈଳୀରେ ରଣପୁର ବଧି ପୁଷ୍କରିଣୀରେ ରାଜା କରିଥିଲେ ହାୱା ମହଲ । ଯାହାକୁ ଚନ୍ଦନ ମଣ୍ଡପ କୁହାଯାଉଛି । ପ୍ରଭୁ ଚନ୍ଦନ ଯାତ୍ରା ସମୟରେ ନୌକା ଯୋଗେ ମଣ୍ଡପକୁ ଯାଇ ନୌକାବିହାର କରନ୍ତି । ରଣପୁରକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ସବୁ ଦିନିଆ ପ୍ରସ୍ତାବ ରହିଛି । ଯାହା ଫଳରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନେକ ରାଜସ୍ୱ ପାଇବା ସହ କିଛି ସ୍ଥାନୀୟ ଲୋକେ କର୍ମ ନିଯୁକ୍ତିର ସୁଯୋଗ ପାଇବେ । କିନ୍ତୁ ନୌକା ବିହାର ବିଳମ୍ବିତ ଯୋଗୁଁ ଅନେକ ରାଜସ୍ୱ ପାଇବାରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ବଞ୍ଚିତ । ନୌକାବିହାରକୁ ପ୍ରାଧାନ୍ୟ ଦେବାପାଇଁ ଜନସାଧାରଣଙ୍କ ତରଫରୁ ଅନୁରୋଧ କରାଯାଇଛି ।

## ବାର୍ ପାଲଟିଛି ଜାରକା ବିଦେଶୀ ଠିପିବନ୍ଦ ମଦ ଦୋକାନ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ଅବକାରୀ ଥାନା ଅଧିନରେ ଜାରକାଠାରେ ରହିଥିବା ବିଦେଶୀ ମଦ ଦୋକାନ ଠିପିଖୋଲା ମଦ ଦୋକାନ ପାଲଟିଯାଇଛି । ଜାରକା ବଜାରର ଅନତି ଦୂରରେ ଏକ ସରକାରୀ ବିଦେଶୀ ମଦ ଦୋକାନ ରହିଛି । ଏଠାରେ ପ୍ରତ୍ୟେକ ଦିନ ଆବଶ୍ୟକ ଠାରୁ ଢେର ଅଧିକ ମଦ ବିକ୍ରି ହୋଇଥାଏ । ଏହା ଠିପିବନ୍ଦ ମଦ ଦୋକାନ ହୋଇଥିଲେ ହେଁ ଏଠାରେ ଗ୍ରାହକମାନଙ୍କ ପିଇବାର ସୁବିଧା ରହିଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ମଦ୍ୟପାନ କରୁଥିବା ଗ୍ରାହକମାନେ ଅସି ଖୁଲମ୍‌ଖୁଲା ଏଠାରେ ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । ଠିପିବନ୍ଦ ମଦ ଦୋକାନରେ ଲୋକେ ମଦ କିଣି ନେଇ ଅନ୍ୟତ୍ର ପିଇବାର ନିୟମ ରହିଛି । ହେଲେ ଜାରକାର ଏହି ବିଦେଶୀ ମଦ ଦୋକାନଟି ସରକାରୀ ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ଦେଖିବାକୁ ମିଳିଛି । ଏଠାରେ ବିଭିନ୍ନ ପ୍ରକାର ଚାଖଣା ସାଙ୍ଗକୁ ପାଣି, ଗିଲାସ ଆଦି ଅବଶ୍ୟକ ସାମଗ୍ରୀ ସହଜରେ ମିଳୁଛି । ଫଳରେ ଏଠାକୁ ଆସୁଥିବା ଗ୍ରାହାକମାନେ ଏଠାରେ ରାସ୍ତା କଡରେ ବସି ଖୁଲମଖୁଲା ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । ଜାରକା ଠାରେ ଏକ ଅବକାରୀ ଥାନା ରହିଥିବା ବେଳେ ଏହାର କର୍ମଚାରୀମାନେ ସବୁଦେଖି ଚୁପ ରହୁଥିବା ଅଭିଯୋଗ ହୋଇଛି । ଅବକାରୀ ଥାନାଟି କେବଳ ମାସିକିଆ ଚାନ୍ଦା ନେବାରେ ବ୍ୟସ୍ତ ରହୁଥିବା ଅଭିଯୋଗ ହୋଇଛି । ଏଠାରେ ରାସ୍ତା କଡରେ ଅବସ୍ଥିତ ଏହି ବିଦେଶୀ ମଦ ଦୋକାନରେ ଲୋକେ ଖୋଲାଖୋଲି ଭାବରେ ମଦ୍ୟପାନ କରୁଥିବାରୁ ଉକ୍ତ ରାସ୍ତାଦେଇ ଯିବାକୁ ସାଧାରଣ ଲୋକ ଓ କଲେଜର ଛାତ୍ରଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ପୁଲିସ ଅବଗତ ଥାଇ ମଧ୍ୟ କଣ ପାଇଁ ଉକ୍ତ ଦୋକାନୀକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି ତାହା ବୁଝାପଡୁ ନାହିଁ । ଯାହାକୁ ନେଇ ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ଚିନ୍ତା ପ୍ରକଟ କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ସଚେତନ ହୋଇ ଏଭଳି ଆଇନ ବିରୋଧୀ କାର୍ଯ୍ୟ କରୁଥିବା ମଦ ଦୋକାନ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା

ହେବ କି ତୃତୀୟ ବିଶ୍ୱଯୁଦ୍ଧ ଏଭଳି ଆଶଙ୍କାରେ ସାରା ଦୁନିଆ ଆଜି ଆତଙ୍କିତ। ତେବେ ତା ପୂର୍ବରୁ ଚୀନ୍ ନିଜକୁ କରୁଛି ଆହୁରି ଶକ୍ତିଶାଳୀ। ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ବେଜିଂରେ ଡ୍ରାଗନ୍ ତିଆରି କରୁଛି ମିଲିଟାରୀ ସିଟି ବା ସାମରିକ ସହର। ଯାହାକି ଆମେରିକାର ପେଣ୍ଟାଗନଠାରୁ ୧୦ ଗୁଣାବଡ଼।

ରୁଷ-ୟୁକ୍ରେନ୍ ଯୁଦ୍ଧ ଓ ଭାରତ-ପାକିସ୍ତାନ ବିବାଦ ମଧ୍ୟରେ ଚୀନ୍ର ଚାଲିଛି ବଡ଼ ପ୍ରସ୍ତୁତି। ବେଜିଂ ନିକଟରେ ଗୁପ୍ତ ରୂପରେ ଏକ ବିଶାଳ ମିଲିଟାରୀ ସିଟି ବା ସାମରିକ ସହର ତିଆରି କରୁଛି ଚୀନ୍। ଯାହାକି ଆମେରିକାର ପେଣ୍ଟାଗନଠାରୁ ୧୦ ଗୁଣା ବଡ଼। ଏହାକୁ ବେଜିଂ ମିଲିଟାରୀ ସିଟି୍ କୁହାଯାଉଛି। ଏହା ବେଜିଂ ସହରଠାରୁ ପ୍ରାୟ ୩୨ କିଲୋମିଟର ଦୂର ଦକ୍ଷିଣ-ପଶ୍ଚିମରେ ରହିଛି। ଏହାର କ୍ଷେତ୍ରଫଳ ପ୍ରାୟ ୪ କିଲୋମିଟର ଚଉଡା ଓ ଏଥିରେ ଏକ ଡୁମସ୍‌ଡେ ବଙ୍କର ମଧ୍ୟ ରହିଛି। ଯାହାକୁ ପରମାଣୁ ଯୁଦ୍ଧ ସ୍ଥିତିରେ କମାଣ୍ଡ ସେଣ୍ଟର ଭାବରେ ବ୍ୟବହାର କରାଯାଇପାରେ। ୨୦୨୨ରେ ଯେଉଁଠି ସେଠାରେ ଆବାସିକ ଭବନ ଓ ଖୋଲା ପଡିଆ ଥିଲା, ତେବେ ୨୦୨୪ର ମଧ୍ୟଭାଗ ପର୍ଯ୍ୟନ୍ତ ଏହି ପୁରା ଅଞ୍ଚଳକୁ ସଫା କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏବେ ସେଠାରେ ସଡକ ଓ ସୁଡଙ୍ଗର ପୁରା ନେଟୱ୍ୱର୍କ ତିଆରି ହୋଇସାରିଛି। ଚୀନ୍ ଏହି ନିର୍ମାଣକୁ ନେଇ କୌଣସି ଔପଚାରିକ ବୟାନ ଦେଇନାହିଁ। ଚୀନ୍ ଦୂତାବାସ ଏହାକୁ ଏକ ପ୍ରକାର ଗୁପ୍ତ ରଖିଛି। ଏହି ଅଞ୍ଚଳରେ ଡ୍ରୋନ୍ ଉଡାଇବା କଡାକଡି ଭାବରେ ନିଷେଧ। ପାଖରେ ଥିବା ହାଇକିଂ ଟ୍ରେଲର୍ସ ମଧ୍ୟ ବନ୍ଦ କରି ଦିଆଯାଇଛି। ଚୀନ୍ ଏଠାରେ କ୍ୟାମେରା ଉପରେ ମଧ୍ୟ କଟକଣା ଲଗାଇଛି। ଏହି ସବୁକିଛି ଦର୍ଶାଉଛି ଯେ, ଚୀନ୍ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ ଭାବରେ ଗୋପନୀୟ ରଖିବାକୁ ଚାହୁଁଛି।

ଏହି ନୂଆ ସାମରିକ କେନ୍ଦ୍ର ଚୀନ୍ର ପୁରୁଣା ୱେଷ୍ଟର୍ଣ୍ଣ ହିଲସ୍ କମାଣ୍ଡ ସେଣ୍ଟରର ସ୍ଥାନ ନେଇପାରେ, ଯାହାକି କୋଲ୍ଡୱାର ସମୟରେ ତିଆରି କରାଯାଇଥିଲା। ସେଭଳି ବିଶେଷଜ୍ଞଙ୍କ କହିବା ଅନୁସାରେ, ସି ଜିନପିଙ୍ଗଙ୍କ ନେତୃତ୍ୱରେ ଚୀନ୍ ଦ୍ରୁତ ଗତିରେ ନିଜର ପରମାଣୁ ଅସ୍ତ୍ରର କ୍ଷମତା ବଢାଉଛି। ଆଗାମୀ ଦଶକରେ ଏହା ଆମେରିକାର ସମକକ୍ଷ ହେବ କିମ୍ବା ତା'ଠାରୁ ଆହୁରି ଆଗକୁ ବଢିପାରେ। ଏହି ଖୁଲାସା ପରେ ଏବେ ପ୍ରଶ୍ନ ଆହୁରି ଗମ୍ଭୀର ହୋଇଛି। କ'ଣ ବିଶ୍ୱ ତୃତୀୟ ବିଶ୍ୱଯୁଦ୍ଧ ଅଭିମୁଖେ ବଢୁଛି କି ? ଚୀନ୍ର ଏହି ଗତିବିଧି ବିଶ୍ୱର ସୁରକ୍ଷା ବିଶେଷଜ୍ଞ, ଗୁଇନ୍ଦା ଏଜେନ୍ସି ଓ ଅନ୍ତର୍ଜାତୀୟ ସମୁଦାୟକୁ ଚିନ୍ତାରେ ପକାଇଛି। ନିକଟରେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ହୋଇଥିଲା। ଫଳରେ ଚୀନ୍ର ବ୍ୟବସାୟିକ ସମ୍ପର୍କ ମଧ୍ୟ ପ୍ରଭାବିତ ହୋଇଥିଲା। ଆଗାମୀ ଦିନରେ ହୁଏତ ଚୀନ୍‌କୁ ତୃତୀୟ ବିଶ୍ୱଯୁଦ୍ଧ ଚିନ୍ତା ଘାରିଛି। ସେଥିପାଇଁ ନିଜକୁ ଆହୁରି ଶକ୍ତିଶାଳୀ ହେବାକୁ ଚେଷ୍ଟା କରୁଛି।

# ମହାପ୍ରଭୁଙ୍କ ପବିତ୍ର ବାହୁଡ଼ା ଯାତ୍ରା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

ଶ୍ରୀବିଗ୍ରହ ମାନଙ୍କର ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ବା ଦକ୍ଷିଣାଭିମୁଖୀ ଯାତ୍ରା କୁହାଯାଏ। ଏହି ଦିବସରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶରଧାବାଲିରେ ଅପେକ୍ଷା କରିଥିବା ତିନି ରଥରେ ଅଧିଷ୍ଠିତ କରାଯାଏ । ଉକ୍ତ ଦିନ ପ୍ରାତଃ କାଳ ଅତ୍ୟନ୍ତ ସମୃଦ୍ଧିବାନ୍ ଦିନ ସହ ଉକ୍ତ ଦିନ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭ ହୋଇଥାଏ । ଗୁଣ୍ଡିଚା ମନ୍ଦିର ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସାତ ଦିନର ରହଣି କାଳର ସେବା ପୂଜା ଆଦି ସମସ୍ତ କର୍ମ ଶ୍ରୀମନ୍ଦିର ବିଧିବିଧାନ ଅନୁସାରେ କରାଯାଇଥାଏ। ଗୁଣ୍ଡିଚା ମନ୍ଦିର ପ୍ରବେଶଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ମନ୍ଦିରରେ ଯେଉଁ ପ୍ରସାଦ ହୁଏ ତାକୁ 'ଆଡପ ଅବଢ଼ା' କୁହାଯାଏ ଭୋରରୁ ଠାକୁର ମାନଙ୍କର ମଙ୍ଗଳ ଆରତୀ , ବାଲଭୋଗ , କୋଠଭୋଗ , ଖେଚଡ଼ି ଭୋଗ , ତିନି ଧୂପ , ବଡସିଂହାର , ଦେଉଳ ଶୋଧ ଆଦି ପ୍ରାତ୍ୟହିକ କର୍ମ ସମ୍ପାଦିତ ହୁଏ । ମହାପ୍ରଭୁଙ୍କର ରତ୍ନବେଦୀରୁ ଜନ୍ମବେଦୀର ସମ୍ପୂର୍ଣ୍ଣ ଯାତ୍ରାକୁ ତିନୋଟି ଅଙ୍ଗ ରୂପେ ଧରାଯାଇଛି। ଏଥିମଧ୍ୟରୁ ରଥଯାତ୍ରା ଗୋଟିଏ ଅଙ୍ଗ, ଗୁଣ୍ଡିଚା ମଣ୍ଡପରେ ବାସ ଦ୍ୱିତୀୟ ଅଙ୍ଗ ଏବଂ ବାହୁଡ଼ା ଯାତ୍ରା ପୂର୍ବକ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ପର୍ଯ୍ୟନ୍ତ ତୃତୀୟ ଅଙ୍ଗ । ଜଗତର ନାଥ ଶ୍ରୀଜଗନ୍ନାଥ କଳି ଯୁଗରେ ଦାରୁବ୍ରହ୍ମ ରୂପରେ ମାନବୀୟ ଲୀଳା ରୂପକ ବରଷକେ ଥରେ ଗୁଣ୍ଡିଚା ଯାତରେ ଯାଆନ୍ତି । ଏହିଯାତ୍ରା କରିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ପତ୍ନୀ ଗୁଣ୍ଡିଚା ରାଣୀଙ୍କୁ କଥା ଦେଇଥିଲେ। ପ୍ରଭୁ ଭାଇ ଏବଂ ଭଉଣୀଙ୍କୁ ନେଇ ଘୋଷଯାତ୍ରାରେ ଗୁଣ୍ଡିଚା ଅଭିମୁଖେ ଯାଇ ଦଶମୀ ତିଥିରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଏହି ଯାତ୍ରା ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କର ସମଗ୍ର ମାନବ ସମାଜକୁ ଶିକ୍ଷା। ତୁମେ ଯେତେ ବ୍ୟସ୍ତରେ ଥିଲେବି ନିଜର ଜନ୍ମ ଭୂମିକୁ ଭୁଲିବା ଉଚିତ୍ ନୁହେଁ । ପରିବାର ବର୍ଗଙ୍କର ସ୍ନେହ ଶ୍ରଦ୍ଧା ଭୁଲିବା ଉଚିତ୍ ନୁହେଁ । ଯାହାକୁ ଯେଉଁ କଥା ଦେଇଥିବ ସେହି କଥା ପାଳନ କରିବା ଉଚିତ୍। ଜୀବନରେ ଯେତେ କଠିନ ପରିସ୍ଥିତିର ସମ୍ମୁଖୀନ ହେଲେବି ସେଥିରୁ ବିଚ୍ୟୁତ ହେବନାହିଁ । କଥା ଦେଇ ଯିଏ କଥା ରଖି ନପାରେ ସେଭଳି ଲୋକଙ୍କ ଜୀବନ ମୂଲ୍ୟହୀନ। ତେଣୁ ରଥଯାତ୍ରା ଓ ବାହୁଡ଼ା ଯାତ୍ରା କରି ପ୍ରଭୁ ଜଗତକୁ ତାଙ୍କ ଲୀଳାରେ ଦର୍ଶେଇ ଦେଇଛନ୍ତି । ଘୋଷଯାତ୍ରା ପରି ବାହୁଡ଼ା ଯାତ୍ରାବି ବିଶ୍ୱ ପ୍ରସିଦ୍ଧ । ସର୍ବ ଶୁଭ କାର୍ଯ୍ୟ ଏହି ବାହୁଡ଼ ଯାତ୍ରାରେ ସମ୍ପୂର୍ଣ୍ଣ ହେବାର ବିଧି ରହିଛି।

ଦଶମୀ ତିଥିରେ ମହାପ୍ରଭୁଙ୍କ ମହାନ ପ୍ରତ୍ୟାବର୍ତ୍ତନର ଯେଉଁ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ ତାହାର ସମସ୍ତ ବିଧିବିଧାନ ଓ ଠାକୁର ମାନଙ୍କର ପୂଜା ଅର୍ଚ୍ଚନା ଠିକ୍ ଗୁଣ୍ଡିଚା ଯାତ୍ରା ଭଳି କରାଯାଇଥାଏ



। ନବମୀ ଦିନ ରାତିରେ ବଡ଼ସିଂହାର , ପହୁଡ଼ ଆଳତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପୁଷ୍ପାଳକମାନେ ଗମ୍ଭୀରାରୁ ବାହାରି ଆସିଥାନ୍ତି । ଏହା ପରେ ଦଇତାପତିମାନେ ଠାକୁରମାନଙ୍କ ଅନ୍ୟାନ୍ୟ ଗୁପ୍ତସେବା କରିବା ସହିତ କୋଠ ସୁଆଁସିଆମାନେ ସିଂହାସନକୁ ଲଗାଇ ଚାରମାଳ ବାନ୍ଧିଥାନ୍ତି । ରାଘବ ଦାସ ମଠ ଦେଇଥିବା ଶୁକ୍ଳ ସଜକୁ ଦଇତା ସେବକମାନେ ଠାକୁରମାନଙ୍କୁ ଲାଗି କରାଇଥାନ୍ତି। ବାହୁଡ଼ା ଯାତ୍ରା ଦିନ ସକାଳ ସମୟରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ଭିତରଛ ମହାପାତ୍ର ଓ ପାଳିଆ ପୁଷ୍ପାଳକମାନେ ବଢାଇବା ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ପୂଜାପଣ୍ଡା ଓ ଅନ୍ୟାନ୍ୟ ନୀତି ସମ୍ପୃକ୍ତ ସେବକମାନଙ୍କ ସାହାଯ୍ୟରେ ପୂଜା ସମାପନ ହୋଇଥାଏ। ଏହା ପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ଗୁପ୍ତ ନୀତି କରିଥାନ୍ତି । ଉକ୍ତ କାର୍ଯ୍ୟ ଶେଷ ହେବାପରେ ଶ୍ରୀଗୁଣ୍ଡିଚା ଦିନ ପରି ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକଙ୍କଦ୍ୱାରା ତିନିବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ। ତତ୍ପରେ ମୁଦିରସ୍ତ ଡୋରଲାଗି ଓ ପୁଷ୍ପାଞ୍ଜଳି ନୀତି ସମାପନ କରିବା ପରେ ବିଜେ କାହାଳୀ ବାଜେ ଓ ଠାକୁରମାନଙ୍କର ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥାଏ।

ଶ୍ରୀବିଗ୍ରହମାନେ ଜଗମୋହନ ଦୁଆର ପାଖେ ପହଞ୍ଚିବା କ୍ଷଣି ରାଘବ ଦାସ ମଠ ପ୍ରଦତ୍ତ ଟାହିୟା ଶ୍ରୀମସ୍ତକରେ ଲାଗି କରାଯିବା ସହିତ, ପତି ମହାପାତ୍ର ପ୍ରସାଦ ଲାଗି, ବନ୍ଦାପନା, କର୍ପୂର ଆଳତି, ସାତବତୀ , ସଞ୍ଜ କାହାଳି ଓ ଘସା, ବିଡ଼ିଆ ମଣୋହି କରିଥାନ୍ତି। ଏହି ସମୟରେ ପୁଷ୍ପାଳକ ମହାଜନମାନେ ତୁଳି ଲାଗି ବଢାଇଥାନ୍ତି। ଏହି ନୀତି ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ସ୍ୱ ସ୍ୱ ରଥକୁ ବିଜେ କରିଥାନ୍ତି। ସମସ୍ତ ବିଗ୍ରହ ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବାପରେ ରୁନ୍ଧା କାର୍ଯ୍ୟ ବଢିଥାଏ। ଉକ୍ତ ଦିନ ମଧ୍ୟ ଗଜପତି ବଡ଼ଶଙ୍ଖଠାରୁ ହସ୍ତୀ, ଛତି, କାହାଳୀ ସହ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ତାମଯାନରେ ବସି ଗୁଣ୍ଡିଚା ଘର ନାକଚଣା ଦ୍ୱାରଠାରେ ରହିଥିବା ରଥ ନିକଟକୁ ଆସିଥାନ୍ତି। ସେଠାରେ ଶ୍ରୀଗୁଣ୍ଡିଚା ଦିନ ପରି ତିନି ରଥରେ ଛେରା ପହଁରା କରିଥାନ୍ତି। ଛେରା ପହଁରା ନୀତି ସରିବା ପରେ ଭୋଇ ସେବକମାନେ ରଥରୁ ଚାରମାଳ ଖୋଲିବା ସଙ୍ଗେ ସଙ୍ଗେ ରୂପକାର ସେବକମାନେ ରଥରେ ଘୋଡ଼ା ବନ୍ଧାଯାଇ ଡାହୁକ ବସେ । ମହାରଣା ଓ ଭୋଇ ସେବକମନେ ରଥ ଦଉଡି ଲଗାଇବା ପରେ ରଥଟଣା ହୋଇଥାଏ। ମାଉସୀମା ମନ୍ଦିରରୁ ପୋଡ଼ ପିଠା ଭୋଗ ଖାଇସାରି ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରନ୍ତି । ଶ୍ରୀମନ୍ଦିରକୁ ପ୍ରବେଶ ପାଇଁ ଶ୍ରୀଜଗନ୍ନାଥଙ୍କର ପହଣ୍ଡି ବିଜେ ହେଉ ହେଉ ସିଂହଦ୍ୱାରର ପ୍ରଧାନ ଫାଟକକୁ ମାଆ ଲକ୍ଷ୍ମୀ ଅଭିମାନରେ ବନ୍ଦ କରି ଦିଅନ୍ତି । ଅଭିମାନର କାରଣ ଶ୍ରୀଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ଏକାକି ଛାଡିଦେଇ ମହାପ୍ରଭୁ ଭାଇ ଭଉଣୀଙ୍କୁ ସଙ୍ଗରେ ନେଇ ନବଦିନ ଯାତ୍ରା କରିଥିଲେ ବୋଲି । ସେବକ ମାନଙ୍କ ବଚନିକା ଜରିଆରେ ଜଗନ୍ନାଥେ ଲକ୍ଷ୍ମୀଙ୍କୁ ନାନା ଭାବରେ ବୁଝାଇ ରସଗୋଲା ଖୁଆଇ ମାଆଙ୍କର ମାନ ଭଞ୍ଜନ କରି ଶ୍ରୀମନ୍ଦିରକୁ ପ୍ରବେଶ କରନ୍ତି । ଏଥିରୁ ମହାପ୍ରଭୁ ଜଗନ୍ନାଥଙ୍କୁ ଉତ୍କଳର ନରନାରୀ ନିଜର ପରିବାରର ଲୋକ ଭାବରେ ଗ୍ରହଣ କରି ନେଇଛନ୍ତି ବୋଲି ମନେ ହୋଇଥାଏ ଓ ମହାପ୍ରଭୁ ଅବିକଳ ମଣିଷ ପରି ସ୍ନେହ , ଅଭିମାନ ପ୍ରକାଶ କରି ଚଳପ୍ରଚଳ ବୋଲି ବିଶ୍ୱାସ କରାଯାଏ । ତେଣୁ ମହାପ୍ରଭୁଙ୍କର ରଥଯାତ୍ରା ଓ ବାହୁଡା ଯାତ୍ରା ମଣିଷର ଜୀବନ ଚଳଣିର ଯାତ୍ରା ସହ ସାମଞ୍ଜସ୍ୟ ଥାଏ ବୋଲି ଜନମାନସରେ କଥିତ ଅଛି । ଶାସ୍ତ୍ରୀୟ ବର୍ଣ୍ଣନାନୁସାରେ ରଥଯାତ୍ରା ସମୟରେ ପ୍ରଭୁମାନେ ଉତ୍ତରାଭିମୁଖି ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖ ହୋଇ ଯାତ୍ରା କରୁଥିବା ବେଳେ ଠାକୁରମାନଙ୍କୁ ଦର୍ଶନ କଲେ ଠିକ୍ ସେହିପରି ଫଳ ମିଳିଥାଏ। ଏପରିକି ଭକ୍ତମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ ।

# ମହତ୍ ପୁରୁଷର ମାପକାଠି



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଜଣେ ମହତ ପୁରୁଷ ପାଇଁ ବୈଦେଶିକ ଶାସନ କାଳରୁ "Very Important Person" ଏହି ସୂଚକ ଶବ୍ଦାବଳୀ ବ୍ୟବହୃତ ହୋଇ ଆସୁଅଛି। ଉତ୍କଳୀୟ ଭାଷାରେ ଏହାକୁ ଅର୍ଥ କଲେ ଉତ୍ତମ ପୁରୁଷ ବା ମହତ ପୁରୁଷ ବୁଝାଇବ। ପ୍ରକୃତରେ ବିବେଚନା କଲେ ଏହାର ମୌଳିକତା ବା ସାମାଜିକ ଉପଯୋଗିତା କଣ ଅଛି ? ଉପରୋକ୍ତ ଇଂରାଜୀ ତିନୋଟ ଶବ୍ଦ ପ୍ରଶାସନିକ ସ୍ତରରେ ଭିନ୍ନ ଭିନ୍ନ ଅଟେ। ରାଜ୍ୟରୁ ଆରମ୍ଭ କରି କେନ୍ଦ୍ର ପର୍ଯ୍ୟନ୍ତ ବିଭିନ୍ନ ଅଧିକାରୀ ଙ୍କୁ ଭି.ଆଇ.ପି କୁହାଯାଏ। ଏମାନେ ସମସ୍ତେ ପବ୍ଲିକ ସର୍ଭେଣ୍ଟ ଜନ ସାଧାରଣଙ୍କ ସେବା କରିବା ପାଇଁ ଏମାନେ ଉଦ୍ଦିଷ୍ଟ। ଏମାନେ ସମାଜର, ଦେଶର ସେବାକାର୍ଯ୍ୟରେ ବିନିଯୁକ୍ତ। ସେଥିପାଇଁ ଜୀବ ଥିବା ଯାଏ ଏମାନେ ସମସ୍ତ ସୁବିଧା ସୁଯୋଗର ଅଧିକାରୀ। ଏମାନଙ୍କ ବିନା କୁଆଡେ ଦେଶରେ ବା ସମାଜରେ ମହତ କାର୍ଯ୍ୟ ସାଧିତ ହେବା ସମ୍ଭବ ନୁହେଁ। କିନ୍ତୁ ପ୍ରକୃତରେ ବିବେଚନା କଲେ ମହତ 'ପୁରୁଷ' ର ମାପକାଠି ଯେ କେବଳ ଉଚ୍ଚ ପଦସ୍ଥ ଓ ପଦମର୍ଯ୍ୟାଦା ସମ୍ପନ୍ନ ଅଧିକାରୀ ଏହା ମୋ ମତରେ ସାମାଜିକ ସ୍ତରରେ ଗ୍ରହଣୀୟ ନୁହେଁ। ସମାଜର କଲ୍ୟାଣ ପାଇଁ ବହୁ ଗରିଷ୍ଠ ଓ ବରିଷ୍ଠ ବ୍ୟକ୍ତିଙ୍କ ଅବଦାନ ରହିଛି କିନ୍ତୁ ସେମାନେ କ'ଣ ମାପକାଠିରେ ପହଞ୍ଚି ପାରୁଛନ୍ତି ? ଏପରି ବହୁ ଦ୍ୱନ୍ଦ୍ୱାତ୍ମକ କାର୍ଯ୍ୟ କଳାପ ସମାଜରେ ସଂଘଠିତ ହେଉଛି ଯାହା ସାଧାରଣ ଲୋକଙ୍କୁ ମୌଳିକ ଚେତନାରୁ ଦୁରେଇ ଦେଉଛି। ଚିନ୍ତାଶୀଳ ବ୍ୟକ୍ତି ମାନଙ୍କ ମନରେ ଗୋଟିଏ ପ୍ରଶ୍ନ ସେମାନଙ୍କୁ ଭାରାକ୍ରାନ୍ତ କରୁଛି ଯାହା ହେଲା 'ସେବା ସର୍ବସ୍ୱ ନା ଅଧିକାର ସର୍ବସ୍ୱ' ପ୍ରତିଭାକୁ ସମ୍ମାନ ଜଣାଇବା ତଥା ପୂଜା କରିବା ଏକାନ୍ତ ଆବଶ୍ୟକ- ଯଦି ପ୍ରତିଭା କ୍ଷୁଣ୍ଣ ହେବ ତେବେ ସମାଜ ମ୍ଳାନ ହୋଇଯିବ। ଜଣେ ଲୋକ ପ୍ରତିନିଧି ସମାଜ ସେବକ କିନ୍ତୁ ତାର ସମାଜ ପ୍ରତି ନିଷ୍ଠା ହିଁ ସମାଜ କଲ୍ୟାଣ ସାଧିତ କରିପାରେ। କିନ୍ତୁ ବହୁ ପ୍ରତିଭାବାନ୍ ଓ ନିଷ୍ଠାପର ବ୍ୟକ୍ତି ଏହି ସ୍ତରକୁ ଆସି ପାରନ୍ତିନି, ଏହାର କାରଣ ପ୍ରଶ୍ନବାଚୀ ହିଁ ହୋଇ ରହିଯାଏ!

ଭାରତ ବର୍ଷ ଦେବଭୂମି, ଏହାର ପାଣି, ପବନ, ମାଟି ପୁତ ଓ ପବିତ୍ର। ଏହାଦ୍ୱାରା ପରିପୁଷ୍ଟ ବ୍ୟକ୍ତି ହିଁ ମହତ। ଏହାର ଅଧିକାରୀ ଅସ୍ୱାକ୍ଷର ହୋଇପାରନ୍ତି ମାତ୍ର ଅଜ୍ଞ ନୁହଁନ୍ତି। ପ୍ରାଜ୍ଞ ଓ ବିଚାର ବୁଦ୍ଧି ସମ୍ପନ୍ନ। ଭୌତିକ ଅଧିକାରରେ ଉଚ୍ଚ, ନୀଚ, ପର ଓ ଅପର ବିଚାର ଭେଦ ଏଠାରେ ନାହିଁ। ପରମାତ୍ମାଙ୍କ ସନ୍ଧାନ ହିଁ ଶ୍ରେଷ୍ଠ କାର୍ଯ୍ୟ। ଏଥିରେ ଯିଏ ଯେତେ ନିଜର ସାଧନା ବଳବତ୍ତର କରି ପାରିଛି ତାର ସେହି ହିଁ ଶ୍ରେଷ୍ଠ ସମ୍ବଳ। ସେ ଖୋଜି ଚାଲେ 'ପୁରୁଷ' ଶବ୍ଦର ମାନ ଓ ପୁରୁଷୋତ୍ତମ। :- "ବେଦାମେତଂ ପୁରୁଷ ମହାନ୍ତ-ମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍।

ତମେବ ବିଦିତ୍ୱାତି ମୃତ୍ୟୁମେତି-ନାନ୍ୟଃ ପନ୍ଥା ବିଦ୍ୟତେଽୟକାୟା। (ଶ୍ୱେତାଶ୍ୱେତପନିଷଦ)

ଆସନ୍ତୁ ଆମେ ସେହି ମହତ ପୁରୁଷ ବା 'ପୁରୁଷୋତ୍ତମ'ଙ୍କୁ ଜାଣିବାକୁ ଚେଷ୍ଟା କରିବା। ଏହି ମହତ ପୁରୁଷ ଯିଏ ମାନବ ସମାଜକୁ ଘନ ଅନ୍ଧକାରରୁ ଉଜ୍ଜ୍ୱଳ ସୂର୍ଯ୍ୟ ସଦୃଶ ତେଜ ପ୍ରଦାନ କରି ଜନ୍ମ ଓ ମୃତ୍ୟୁର ଚକ୍ରରୁ ମୁକ୍ତି ପ୍ରଦାନ କରିଥାନ୍ତି। ସେ ଗତି ମୁକ୍ତି ଦାତା, ତାଙ୍କ ବିନା ଏ ମାନବର ଅନ୍ୟ ପନ୍ଥା ନାହିଁ। ସେହି ମହତ ପୁରୁଷଠାରୁ କେହି ଉତ୍କୃଷ୍ଟ ବା ଭିନ୍ନ ନୁହେଁ। ତା ଠାରୁ କେହି ସୂକ୍ଷ୍ମ ଓ ଚିରନ୍ତନ ନାହିଁ ସେ ମେରୁ ପରି ଅଚଳ ବା ସ୍ଥିର ଓ ନିଜର ପ୍ରତିଭା ଦ୍ୱାରା ପ୍ରତିଷ୍ଠିତ କିନ୍ତୁ ଆଜିର ଭି.ଆଇ.ପି ସେଭଳି ପ୍ରତିଭା ସମ୍ପନ୍ନ ନୁହନ୍ତି। ମୋ ପୁରୁଷୋତ୍ତମଙ୍କ ଠାରେ ସମସ୍ତ ବିଶ୍ୱ ପରିପୂର୍ଣ୍ଣ ଅଟେ। 'ମହାନ୍ ପ୍ରଭୁର୍ବୈ ପୁରୁଷବସତ୍ୱସୈଷ ପ୍ରବତକଃ / ସୁନିର୍ମଳମିମାଂ ପ୍ରାପ୍ତିମିଶାନୋ ଜ୍ୟୋତିରବ୍ୟୟଃ'। (ଶ୍ୱେତାଶ୍ୱେତ)

ସେହି ମହାନ୍ ପୁରୁଷ ବା ପୁରୁଷୋତ୍ତମଙ୍କ ହସ୍ତ ପଦ ନାହିଁ କିନ୍ତୁ ଗତିଶୀଳ ଓ ପ୍ରତ୍ୟେକ ଦ୍ରବ୍ୟ ଗ୍ରହଣ କରୁଛନ୍ତି। ଏହାକୁ ଲକ୍ଷ୍ୟ କରି ସନ୍ଥ ଗୋସ୍ୱାମୀ ତୁଳସୀ ଦାସ ନିଜ 'ରାମ ଚରିତ ମାନସରେ' ଲେଖିଲେ "ବିନୁ ପଦ ଚଲହିଁ ସୁନଇ ବିନୁ କାନା / କରବିନୁ କରମ କରଇ ବିଧି ନାନା / ଆନନ ରହିତ ସକଲ ରସ ଭୋଗୀ / ବିନୁ ବାଣୀ ବକତା ବଡ ଯୋଗୀ"। ପାଦ ନଥାଇ ଚଳମାନ, କାନ ନାହିଁ କିନ୍ତୁ ସାରା ଜଗତର କଥା ଶୁଣି ପାରନ୍ତି, ହାତ ନାହିଁ କିନ୍ତୁ ସଂସାରର ସମସ୍ତ କର୍ମ କରିଥାନ୍ତି ଏବଂ ସକଳ ରସକୁ ଆସ୍ୱାଦନ କରିଥାନ୍ତି ଏବଂ ସଂସାରର ପ୍ରଗଳ୍ଭ ବକ୍ତା ଯିଏ ଅର୍ଜୁନଙ୍କ 'ମୁଁ' ଓ 'ମୋର' ଏହି ଦୁଇଟି ଶବ୍ଦର ବିଲୋପ ପାଇଁ ମହାଭାରତ ରଣକ୍ଷେତ୍ରରେ ଅଠର ଅଧ୍ୟାୟ ଗୀତା କହିଥିଲେ। ସେ ହେଉଛନ୍ତି ମହାନ୍ ପୁରୁଷ- ବା ପୁରୁଷୋତ୍ତମ ଭାବରେ ଅଭିଜ୍ଞାତ। ସେହି କୋଟି କୈବଲ୍ୟର ନାଥ ଜଗନ୍ନାଥ ପୁରୁଷୋତ୍ତମଙ୍କୁ ଆମ୍ଭେ ଯେତେ ଚାହିଁଲେ ବି କୌଣସି ସଙ୍କୁଚିତ ଗଣ୍ଡି ମଧ୍ୟରେ ରଖି ପାରିବା ନାହିଁ। ସେ ନୀଳାଚଳ ନାଥ 'ପୁରୁଷୋତ୍ତମ' ଭାବେ ଖ୍ୟାତ। ନୀଳ ପର୍ବତରେ କାଠ ଖଣ୍ଡେ ଯେଉଁଠାରେ ଦାରୁ ବ୍ରହ୍ମ ପାଲଟି ଯାଏ । ସେହିଁ କେବଳ ପୁରୁଷୋତ୍ତମ। ଏଭଳି ମହତ ପୁରୁଷ, ଗଜପତି ଠାକୁର ରାଜା ଯାହାର ରଥ ମାର୍ଜନା କରିଥାନ୍ତି, ବାସ୍ତବିକ ତାଙ୍କଠୁ ବଳି V.I.P ବା ମହତ ପୁରୁଷ, ପୁରୁଷୋତ୍ତମ ଆଉ କାହାକୁ କୁହାଯାଇ ପାରିବ। ତାଙ୍କ ମାପକାଠି ଆଜିକାଲିର ଏ ଧୋବ ଧୋବଳିଆ ନିଜକୁ ଯେତେ ମହତ କହିଲେ ବି ତାଙ୍କ କାର୍ଯ୍ୟ ଧାରା ତାଙ୍କୁ କଦା କାଳକୁ ମହତ ପୁରୁଷର ଆଖ୍ୟା ଦେବନାହିଁ।

# ଈଶ୍ୱରଙ୍କୁ ପାଇବା ହିଁ ଯୋଗ



ଲଳିତ ମୋହନ ମିଶ୍ର
ଅରବିନ୍ଦ ନଗର
ନୟାଗଡ଼
ମୋ-୯୪୩୭୯୮୫୮୬୬

ଚେତନାର ଦୁଇଟି ପ୍ରମୁଖ ଗୁଣ - ପ୍ରଥମତଃ ଏହା ସୁପ୍ତାବସ୍ଥା, ଦ୍ୱିତୀୟତଃ ଏହା ଅସ୍ଥିର। ତେଣୁ ପ୍ରଥମ ପ୍ରୟାସ ସୁପ୍ତ ଚେତନାକୁ ଜାଗ୍ରତ କରିବା। ତା'ପରେ ଏହାକୁ ସ୍ଥିର କରିବା ପାଇଁ ଦ୍ୱିତୀୟ ପ୍ରୟାସ କରିବା ଉଚିତ୍ । ମନରେ ବାସ କରୁଥିବା ଏହି ଚେତନାକୁ କେବଳ ଯୋଗ ମାଧ୍ୟମରେ ଜାଗ୍ରତ କରାଯାଇପାରିବା । ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଦୁଇଥର କ୍ରିୟାଯୋଗ ବିଷୟରେ ଉଲ୍ଲେଖ କରିଛନ୍ତି। ଶ୍ରୀଶ୍ରୀ ପରମହଂସ ଯୋଗାନନ୍ଦଙ୍କ ଅନୁସାରେ କ୍ରିୟା ଯୋଗ ହେଉଛି ଯୋଗର ସର୍ବୋଚ୍ଚ ସ୍ୱରୂପ । ଯୋଗର ସିଧାସଳଖ ଅର୍ଥ ହେଉଛି ଭଗବାନଙ୍କ ସହ ମିଳନ। ସମଗ୍ର ବିଶ୍ୱରେ ଅଧିକାଂଶ ଲୋକ ଯୋଗକୁ ଶାରୀରିକ ବ୍ୟାୟାମ, ଯୋଗ ଆସନ ଇତ୍ୟାଦି ଭାବରେ ଜାଣନ୍ତି, କିନ୍ତୁ ବାସ୍ତବରେ ଯୋଗ ଅନେକ କିଛି, ଯାହାକୁ ବୁଝିବା ଏବଂ ଅଭ୍ୟାସ କରିବା ଆବଶ୍ୟକ । ପ୍ରସିଦ୍ଧ ଆଧ୍ୟାତ୍ମିକ ଗ୍ରନ୍ଥ 'ଯୋଗୀ କଥାମୃତ'ର ରଚୟିତା ଆଧ୍ୟାତ୍ମିକ ଯୋଗ ଗୁରୁ ଶ୍ରୀ ଶ୍ରୀ ପରମହଂସ ଯୋଗାନନ୍ଦ ଯୋଗର ସତ୍ୟତା ଶିକ୍ଷା ପାଇଁ ପାଶ୍ଚାତ୍ୟ ଦେଶ ଯାଇଥିଲେ । ଯେଉଁମାନେ ଜୀବନର ପ୍ରକୃତ ଅର୍ଥ ଖୋଜୁଛନ୍ତି ସେମାନଙ୍କ ପାଇଁ ପରମହଂସ ଧ୍ୟାନ ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ଯୋଗାନନ୍ଦ ଆଧ୍ୟାତ୍ମିକ ପ୍ରୟାସକୁ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ, ଆତ୍ମସାକ୍ଷାତକାର ଅର୍ଥାତ୍ ଭଗବାନଙ୍କ ସହିତ ଯୋଗ କରିବାର ଏକମାତ୍ର ଉପାୟ ବୋଲି ବର୍ଣ୍ଣନା କରିଥିଲେ। ତାଙ୍କ ଗୁରୁ ସ୍ୱାମୀ ଶ୍ରୀ ଯୁକ୍ତେଶ୍ୱର ଗିରି କହିଥିଲେ, ଯଦି ଆପଣ ବର୍ତ୍ତମାନ ଆଧ୍ୟାତ୍ମିକ ପ୍ରୟାସ କରୁଛନ୍ତି, ତେବେ ଭବିଷ୍ୟତରେ ସବୁକିଛି ସୁଧୁରିଯିବ। ଯୋଗାନନ୍ଦଙ୍କ ମତରେ କ୍ରିୟା ଯୋଗ ହେଉଛି ଯୋଗର ସର୍ବୋଚ୍ଚ ରୂପ । ଭଗବାନଙ୍କ ସଂସ୍ପର୍ଶରେ ଆସିବା ପାଇଁ ଏହି ନିର୍ଦ୍ଦିଷ୍ଟ ବୈଜ୍ଞାନିକ ମାର୍ଗ ଅନୁସରଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କ୍ରିୟା ଯୋଗରେ ନିର୍ଦ୍ଦିଷ୍ଟ କୌଶଳ ଅନ୍ତର୍ଭୁକ୍ତ। ଯାହା ଅଭ୍ୟାସକାରୀଙ୍କୁ କେବଳ ତାଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସକ୍ଷମ କରେ ନାହିଁ, ବରଂ ଶେଷରେ ଯୋଗୀଙ୍କୁ ପ୍ରକୃତ ଶାନ୍ତି ଆନନ୍ଦ ଆଣିବାରେ ସକ୍ଷମ କରେ । ଯୋଗାନନ୍ଦ ତାଙ୍କର ଅନୁଗାମୀମାନଙ୍କୁ କହିଥିଲେ, ସମସ୍ତେ ଏହି ମାର୍ଗକୁ ଅଭ୍ୟାସ କରିପାରିବେ ଏବଂ ଏହି ମାର୍ଗ ହେଉଛି ଅସ୍ତିତ୍ୱର ଉଚ୍ଚତମ ସଂସାରର ପ୍ରବେଶ ଦ୍ୱାର । ସେ କେତେକ ପ୍ରାରମ୍ଭିକ କୌଶଳ ତଥା ଆଦର୍ଶ ଜୀବନ ଦର୍ଶନ ଦେଇଛନ୍ତି, ଯାହା ଧ୍ୟାନର ସର୍ବୋଚ୍ଚ ଦ୍ୱାରକୁ ଯିବା ପାଇଁ ଆବଶ୍ୟକ । ଭଗବାନ ଶ୍ରୀକୃଷ୍ଣ ଗୀତାରେ ଦୁଇ ଥର କ୍ରିୟାଯୋଗ ବିଷୟରେ ଉଲ୍ଲେଖ କରିଛନ୍ତି । ଲକ୍ଷ ଲକ୍ଷ ଲୋକ କ୍ରିୟା ଯୋଗକୁ ନିଜର ଜୀବନଶୈଳୀ ଭାବରେ ଗ୍ରହଣ କରିବାକୁ ପ୍ରେରଣା ପାଇଥିଲେ । ସ୍ୱାମୀ ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କ ଗୁରୁ ଲାହିରୀ ମହାଶୟ କହିଛନ୍ତି ଯେ, ଅସ୍ତିତ୍ୱର ଉଚ୍ଚତମ ପ୍ରବେଶ ଦ୍ୱାର କ୍ରିୟା ଯୋଗର ବାସ୍ତବିକ୍ ଲାଭ, ଏହାର କୌଶଳ ଏବଂ ଅଭ୍ୟାସରେ ନିହତ ଅଛି । ପତଞ୍ଜଳି ଯୋଗକୁ 'ଚିତ୍ତ ବୃତ୍ତି ନିରୋଧ' ବୋଲି କହିଅଛନ୍ତି। ଅର୍ଥାତ୍ ଯଦି ଆପଣ ମନର ଚଞ୍ଚଳତା ବା କାର୍ଯ୍ୟକଳାପକୁ ସ୍ଥିର କରିପାରିବେ, ତେବେ ଆପଣ ଯୋଗକୁ ପ୍ରାପ୍ତ କରିପାରିବେ । ଆପଣଙ୍କ ଚେତନାରେ ସବୁ କିଛି ଏକ ହୋଇଯାଏ । ମନକୁ ସ୍ଥିର କରିବା ପାଇଁ ଯୋଗର ଅନେକ ଉପକରଣ ବା ପଦ୍ଧତି ରହିଛି । ଆମେ ଆମ ଜୀବନରେ ଅନେକ ଜିନିଷ କରିଥାଉ, ଏପରି ପ୍ରକ୍ରିୟା ଦେଇ ଗତି କରିଥାଉ ଯାହାକୁ ଆମେ ଆମର ସଫଳତା ବୋଲି କହିଥାଉ, କିନ୍ତୁ ମନର ଚଞ୍ଚଳତା ବାହାରେ ଯିବା ହେଉଛି ସବୁଠାରୁ ମୌଳିକ ବୀଜ ଏବଂ ସବୁଠାରୁ ବଡ ଉପଲବ୍ଧି । ଏହା ମନୁଷ୍ୟକୁ ତା'ର ଅନୁସନ୍ଧାନ, ଭିତରେ ଓ ବାହାରେ ଥିବା ପାର୍ଥକ୍ୟରୁ ମୁକ୍ତି ଦେଇଥାଏ । କେବଳ ଆପଣଙ୍କ ମନକୁ ସ୍ଥିର କରିବା ଦ୍ୱାରା ସେ ଏକ ଚରମ ସମ୍ଭାବନାରେ ପରିଣତ ହୋଇପାରନ୍ତି । ଅଧିକାଂଶ ଲୋକଙ୍କର ଲକ୍ଷ୍ୟ ହେଉଛି ନିଜ ଜୀବନରେ ସୁଖ ଶାନ୍ତି ହାସଲ କରିବା । ଆମ ଜୀବନରେ ଆମେ ପାଇଥିବା ସୁଖ ଶାନ୍ତି ସାଧାରଣତଃ ଏତେ ଦୁର୍ବଳ ଏବଂ ଅସ୍ଥାୟୀ ହୋଇଥାଏ ଯେ, ସେମାନେ ସର୍ବଦା ବାହ୍ୟ ପରିସ୍ଥିତି ଅଧୀନରେ ରହିଥାନ୍ତି । ତେଣୁ ଅଧିକାଂଶ ଲୋକ ଏକ ସଠିକ ବାହ୍ୟ ସ୍ଥିତି ବଜାୟ ରଖିବାକୁ ଚେଷ୍ଟା କରି ସାରା ଜୀବନ ବିତାଇଥାନ୍ତି, ଯାହା ହାସଲ କରିବା ଅସମ୍ଭବ । ଯୋଗ ଆଭ୍ୟନ୍ତରୀଣ ସ୍ଥିତି ଉପରେ ଗୁରୁତ୍ୱ ଦେଇଥାଏ । ଯଦି ଆପଣ ଏକ ସଠିକ ଆଭ୍ୟନ୍ତରୀଣ ସ୍ଥିତି ସୃଷ୍ଟି କରିପାରିବେ, ବାହ୍ୟ ପରିସ୍ଥିତି ଯାହା ହେଉନା କାହିଁକି, ଆପଣ ସମ୍ପୂର୍ଣ୍ଣ ଆନନ୍ଦ ଏବଂ ଶାନ୍ତିରେ ମଗ୍ନ ରହିପାରିବେ । ଏହା ମୋତେ ଦକ୍ଷିଣ ଭାରତୀୟ ଯୋଗ ପରମ୍ପରାର ଏକ କାହାଣୀ ମନେ ପକାଇଦିଏ । ସେଠାରେ ତତ୍ତ୍ୱାର୍ଯ୍ୟ ନାମକ ଜଣେ ଶିଷ୍ୟ ଥିଲେ । ତାଙ୍କ ଜୀବନରେ ତାଙ୍କୁ ଜଣେ ମହାନ ଗୁରୁଙ୍କ ସାନିଧ୍ୟ ମିଳିଥିଲା, ଯାହାଙ୍କ ନାମ ଥିଲା ସ୍ୱରୂପାନନ୍ଦ। ଏହି ଗୁରୁ ଚୁପ୍ ରହୁଥିଲେ । ଜଣେ ମଣିଷ ହିସାବରେ ସେ ବେଳେବେଳେ କଥା ହେଉଥିଲେ, କିନ୍ତୁ ଜଣେ ଗୁରୁ ଭାବରେ ସେ କେବେ କଥା ହେଉନଥିଲେ। ସେ ଜଣେ ନୀରବ ଗୁରୁ ଥିଲେ। ତତ୍ତ୍ୱାର୍ଯ୍ୟ ତାଙ୍କ ଗୁରୁଙ୍କ ସହିତ ଅସୀମ ଆନନ୍ଦ ଓ ଖୁସି ପାଉଥିଲେ, ସେ ତାଙ୍କ ଗୁରୁଙ୍କ ପାଇଁ ଏକ ଭରଣୀ ରଚନା କରିଥିଲେ । ଭରଣୀ ତାମିଲଭାଷାରେ ଏକ ପ୍ରକାର ରଚନା, ଯାହା ସାଧାରଣତଃ କେବଳ ମହାନ୍ ନାୟକଙ୍କ ପାଇଁ ରଚନା କରାଯାଏ ।

ସମାଜରେ ଏହାକୁ ବିରୋଧ କରାଯାଇଥିଲା । କୁହାଯାଇଥିଲା ଯେ ଏଭଳି ବ୍ୟକ୍ତିଙ୍କ ପାଇଁ ଭରଣୀ ଲେଖାଯାଇ ପାରିବ ନାହିଁ । ଯିଏ କେବେ ମୁହଁ ଖୋଲିନାହାଁନ୍ତି । ସଦା ଚୁପ୍ ଚାପ୍ ବସିବା ବ୍ୟତୀତ ଆଉ କିଛି କରିନାହାଁନ୍ତି । ଏହା କେବଳ ଜଣେ ମହାନ୍ ବିଜେତା କିମ୍ବା ମହାନ୍ ନାୟକଙ୍କ ପାଇଁ ସୃଷ୍ଟି କରାଯାଇପାରେ। ଯେମିତିକି କେହି ଏକ ହଜାର ହାତୀକୁ ମାରିଦେଇଛି । ଆଉ ଏହି ବ୍ୟକ୍ତି କେବେ ମୁହଁ ମଧ୍ୟ ଖୋଲି ନାହାଁନ୍ତି । ନିଶ୍ଚିତ ଭାବରେ, ତାଙ୍କ ଉପରେ ଲେଖିବା ପାଇଁ ସେ ଯୋଗ୍ୟ ନୁହଁନ୍ତି । 'ନା, ମୋ ଗୁରୁ ଆହୁରି ବହୁତ କିଛି ପାଇବାକୁ ଯୋଗ୍ୟ, କିନ୍ତୁ ମୁଁ ତାଙ୍କ ପାଇଁ ଏତିକି କରିପାରିବି,' ବୋଲି ତତ୍ତ୍ୱାର୍ଯ୍ୟ କହିଥିଲେ।

ଏହାକୁ ନେଇ ସହରରେ ଅନେକ ତର୍କ ବିତର୍କ ଓ ଚର୍ଚ୍ଚା ହୋଇଥିଲା । ତା'ପରେ ନୀତି ସ୍ଥିର ହେଲା ଯେ ଏହି ସମସ୍ୟା ସମାଧାନର ଏକମାତ୍ର ଉପାୟ ହେଉଛି, ଏହି ଲୋକମାନଙ୍କୁ ଗୁରୁଙ୍କ ନିକଟକୁ ନେବା । ଗୁରୁ ଏକ ବୃକ୍ଷ ତଳେ ଚୁପ୍ ଚାପ୍ ବସିଥିଲେ । ସମସ୍ତେ ସେଠାରେ ଯାଇ ବସିଲେ ଏବଂ ତତ୍ତ୍ୱାର୍ଯ୍ୟ ଗୁରୁଙ୍କ ସମ୍ମୁଖରେ ସମସ୍ୟା ରଖିଲେ- 'ମୁଁ ଆପଣଙ୍କ ସମ୍ମାନରେ ଏକ ଭରଣୀ ସୃଷ୍ଟି କରିଛି, ଯାହାକୁ ଏମାନେ ବିରୋଧ କରୁଛନ୍ତି । ଏମାନଙ୍କର କହିବା କଥା ଯେ ଭରଣୀ କେବଳ ମହାନ ନାୟକଙ୍କ ପାଇଁ ରଚନା କରାଯାଇପାରିବ ।

ଗୁରୁ ପୂରା କାହାଣୀ ଶୁଣି ଚୁପ୍ ଚାପ୍ ବସିଗଲେ । ସମସ୍ତେ ଚୁପ୍ ଚାପ୍ ବସିରହିଲେ। ଘଣ୍ଟା ଘଣ୍ଟା ବିତିଯାଇଥିଲେ ମଧ୍ୟ ସେମାନେ ଚୁପ୍ ଚାପ୍ ବସିରହିଲେ। ଦିନ ଦିନ ବିତିଗଲା ଏବଂ ସେମାନେ ଚୁପ୍ ଚାପ୍ ବସିଲେ । ଏଭଳି ଭାବରେ ଲୋକମାନେ ସେଠାରେ ଅନେକ ଦିନ ବସି ରହିଥିଲେ । ସମସ୍ତେ ଆଠ ଦିନ ଚୁପ୍ ରହିବା ପରେ ସ୍ୱରୂପାନନ୍ଦ ନିଜ ମନକୁ ସକ୍ରିୟ କରିଥିଲେ। ଏହାପରେ ହଠାତ୍ ସମସ୍ତଙ୍କ ଚିନ୍ତା ଧାରା ମଧ୍ୟ ସକ୍ରିୟ ହୋଇଯାଇଥିଲା। ଏହାପରେ ହିଁ ସମସ୍ତେ ଅନୁଭବ କରିଥିଲେ ଯେ ପ୍ରକୃତ ନାୟକ ହିଁ 'ମନ' ଓ 'ଅହଂକାର' ନାମକ ଏହି ମଦ୍ୟପ ହାତୀମାନଙ୍କୁ ନିୟନ୍ତ୍ରଣ କରିଥିଲେ। ଏହି ଦୁଇ ହାତୀ ଗୁରୁଙ୍କ ସହ ଆଠ ଦିନ ଧରି ବସି ଶାନ୍ତ ଓ ସ୍ଥିର ଥିଲେ। ତା'ପରେ ସେମାନେ କହିଲେ, 'ଇଏ ହିଁ ପ୍ରକୃତ ଭରଣୀର ଯୋଗ୍ୟ ବ୍ୟକ୍ତି'। ବାସ୍ତବରେ ମନର ସୁପ୍ତ ଚେତନାକୁ ଜାଗ୍ରତ କରିବାର ସାଧନ ହିଁ ଯୋଗ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

# ବିକ୍ଷିପ୍ତ ଭାବନା



### ଶରତ ଦାଶ

ଦିନ ସରିଗଲେ ରାତି ଆସେ ସିନା
ପ୍ରକୃତିର ନିୟମରେ
ମନର ଆଲୋକ ସଦା ଉଜ୍ଜୀବିତ
ନୂଆ ଆଶା ଆକାଂକ୍ଷାରେ ।।
ଆଶା ମରିଗଲେ ମଣିଷ ମରେନା
ଭାଷାରେ ଭାସେ ଜୀବନ
କଳ୍ପନାର ଡେଣା କରି ସଂଯୋଜିତ
ଉଡୁଥାଏ ବହୁ ସ୍ୱପ୍ନ ।।
ଜାଣି ବି ଜୀବନ କ୍ଷଣିକ ଅଳୀକ
ମାୟାରେ ମୋହିତ ମନ
ମରଣକୁ ଭୁଲି ସ୍ମରଣ କରଇ
ଶାଶ୍ୱତ ଚିର ଯୌବନ ।।
କ୍ଷମତାର ମୋହ ଅତୀବ ନିର୍ଦ୍ଦୟ
ଯୋଗୀକୁ କରଇ ଭୋଗୀ
ହୃଦୟବିହୀନ ହୁଏ ହୃଦବାନ
ନିଷ୍ଠୁରତା ଅନୁରାଗୀ ।।
ଭଲପାଇବାର ପଥରେ ବାଧକ
ସାଜେ ଧନ ମାନ ସ୍ୱାର୍ଥ
ପ୍ରେମହୀନ ପ୍ରାଣ ଶୁଷ୍କ ଅକାରଣ
ଜୀବନ ନିଷ୍ଫଳ ବ୍ୟର୍ଥ ।।
ଅସାର ସଂସାର ଜାଣି ବି ବ୍ୟାକୁଳ
ସର୍ବେ ଦୀର୍ଘାୟୁଷ ପାଇଁ
କେ ନୁହେଁ କାହାର କହି ମୋର ମୋର
ତଥାପି ମାନବ ବାଇ ।।
ଆଜି ଅଛି ପ୍ରାଣ କାଲି ରହିବାର
ନାହିଁ କିଛି ନିଶ୍ଚିତତା
ଭଲ ହୋଇ ଭଲ କାମ କରିବାରେ
ଅମର ଜୀବନସତ୍ତା ।।

**ଭୁବନେଶ୍ୱର**

# ସବୁ ଅଛି...ସମୟ ନାହିଁ

### ସଂଯୁକ୍ତା ଦାଶ

ଧାଡ଼ି ଧାଡ଼ି ବହି
ଥାକ ଥାକ ଲୁଗା
ଯାବତୀୟ ଆସବାବ ପତ୍ରର
ପ୍ରାଦୁର୍ଭାବରେ ଅସ୍ୱସ୍ଥ ଘରର ଦୈର୍ଘ୍ୟ ପ୍ରସ୍ଥ
ତଥାପି ଆହୁରି ଲମ୍ବି ଯାଉଛି ଆବଶ୍ୟକତାର
ଅନିର୍ଦ୍ଦିଷ୍ଟ ଦିଗନ୍ତ
ହେଲେ...ଉପଭୋଗର ଏ ଅସରନ୍ତି ଉପାଦାନ ପାଇଁ
ସମୟ ପର୍ଯ୍ୟାପ୍ତ ତ ?

ସମ୍ପର୍କର ହାତଗଢା ପୃଥିବୀରେ
କେତେ ଈର୍ଷା ଅସୂୟା
ଛନ୍ଦ କପଟ ଅସହିଷ୍ଣୁତା
ଅବାଞ୍ଛିତ ପ୍ରତିଯୋଗିତା
ଅବିଶ୍ୱାସ ସନ୍ଦେହର ବଳୟରେ
ଅତୀତର ଅତୁଟ ବନ୍ଧୁତା..
ରୁଗ୍ଣ କୁତ୍ସିତ ଆଉ ଭଙ୍ଗୁର ଏ ସମ୍ପର୍କର ଉପଚାର ପାଇଁ
ଆଉ....ସମୟ ଅଛିତ ?



ଗତାନୁଗତିକ ଜୀବନର ଊର୍ଦ୍ଧ୍ୱରେ
କିଛି ଭିନ୍ନ କିଛି ଅନ୍ୟ କରିବାର ପ୍ରବଣତା
ନିଜଠାରେ ଚୁକ୍ତି କରିଥିବା
ସେଇ ଅଲିଖିତ ପ୍ରତିବଦ୍ଧତା
ଆଞ୍ଜୁଳାରୁ ଝରି ଝରି ଚାଲିଥିବା
ସ୍ୱପ୍ନର ଟୁକୁରା ମାନଙ୍କୁ ସାଉଁଟିବାର ଉଦ୍‌ବିଗ୍ନତା ପାଇଁ
ଆଉ....ସମୟ କେତେ ଅଛି କୁହ ? ?

**ମୋ-୮୪୨୦୮୯୬୫୪୬**

# ବାହୁଡ଼ି ଆସ



### ସତ୍ୟବ୍ରତ ସାହୁ

ପ୍ରଭୁ ..
ଚାହିଁ ଚାହିଁ ବିତିଗଲା ନଅ ଦିନ
ଖାଁ ଖାଁ ଲାଗେ ବଡ଼ଦାଣ୍ଡ, ଖାଲି ରତ୍ନ ସିଂହାସନ
ସତେ ଅବା ଶ୍ରୀକ୍ଷେତ୍ରରେ ମରିଛି ସରାଗ
ଶ୍ରୀହୀନ ଲାଗୁଛି ଶ୍ରୀକ୍ଷେତ୍ର ।
କାହା ମୁଖେ ନାହିଁ ଟିକେ ସରସତା
ମା’ ଲକ୍ଷ୍ମୀ ଯେବେଠୁ ଦୁଃଖିତା ।

ଏ କି ବିଚାର ପ୍ରଭୁ..
ମା’ଙ୍କୁ ଛାଡ଼ି ଚାଲିଗଲ ଭାଇ-ଭଉଣୀଙ୍କୁ ନେଇ
କ’ଣ ମନେପଡ଼ୁନି ମା’ଙ୍କ କଥା..
ତମକୁ ରତ୍ନ ସିଂହାସନରେ ଦେଖିବାକୁ ଚାହୁଁଥିବା
ଅଗଣିତ ଭକ୍ତଙ୍କ କଥା ?

ପ୍ରଭୁ ଏ କି ଅବିଚାର ତମର..
ମା’ଙ୍କୁ ବି ଦେଖାଦେଲନି ଥରେ
ଯାଇଥିଲେ ହେରାପଞ୍ଚମୀରେ
ରାଗରେ ମା’ ଭାଙ୍ଗି ଦେଲେ ନନ୍ଦିଘୋଷ ଚକ
ଆସିଲେ ଦେଖିବ ମାଆଙ୍କ ଅଭିମାନୀ ମୁଖ ।

ଆଉ ଡେରି କରନି ପ୍ରଭୁ..
ଦୁଃଖ ଦିଅନି ମା’ଙ୍କୁ ଓ ଅଗଣିତ ଭକ୍ତମାନଙ୍କୁ
ଆଜି ପବିତ୍ର ଆଷାଢ଼ ଶୁକ୍ଳ ଦଶମୀ
ତମକୁ ଭିଡ଼ି ଆଣିବାକୁ ପ୍ରସ୍ତୁତ ନନ୍ଦିଘୋଷ ।
ଗୁଣ୍ଡିଚା ରାଣୀଙ୍କୁ କଥା ଦେଇଥିଲ ବରଷରେ
ଯିବା ପାଇଁ ଥରେ
କଥାତ ରଖିଲ.. ଏବେ ବାହୁଡ଼ି ଆସ ପ୍ରଭୁ
ମାଉସୀ-ମା’ଙ୍କ ପୋଡ଼ପିଠା ବି ପ୍ରସ୍ତୁତ
ଖାଲି ଅପେକ୍ଷା ତମ ଆସିବାକୁ ।

ବାହୁଡ଼ି ଆସ ପ୍ରଭୁ..
ଭରି ଦିଅ ହସ ଶ୍ରୀକ୍ଷେତ୍ର ବୁକୁରେ
ତମକୁ ଚାହିଁ ରହିଥିବା ଭକ୍ତଙ୍କ ମନସ୍କାମନା
ପୂର୍ଣ୍ଣ କର ପ୍ରଭୁ
ତମକୁ ପାଛୋଟି ନେବାକୁ ବ୍ୟାକୁଳ ଶ୍ରୀକ୍ଷେତ୍ର,
ଉଲ୍ଲସିତ ଶ୍ରୀମନ୍ଦିର
ଆଜି ବାହୁଡ଼ି ଆସ..
ତମ ବାହୁଡ଼ାକୁ ଅପେକ୍ଷା କରିଛି ସମଗ୍ର ଜଗତ
ଆଉ ଶ୍ରୀହୀନ ଶ୍ରୀକ୍ଷେତ୍ର ।

**ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬**
**ମୋ- ୯୩୩୮୧୬୫୬୧୯**



# ବାହୁଡ଼ା ଯାତ୍ରା

### ନଳିନୀ ଦାଶ

ଶୁକ୍ଳ ଦ୍ୱିତୀୟାରେ ରଥ ଯାତ୍ରା କରି
ଆସିଛନ୍ତି ଜଗନ୍ନାଥ
ସାଥେ ଆଣିଛନ୍ତି ଭାଇ ଭଉଣୀଙ୍କୁ
ବିଜେ କରି ତିନିରଥ ।
ଗୁଣ୍ଡିଚା ମନ୍ଦିରେ ଗହଳି ଲାଗିଛି
ଭକ୍ତ ପାଆନ୍ତି ଦର୍ଶନ
ଗୁଣ୍ଡିଚା ମାଆଙ୍କ ସ୍ନେହ ଶରଧାରେ
ଉଚ୍ଛାଟ କାଳିଆ ମନ ।
ଆଡ଼ପ ଅବଢ଼ା ବଢ଼ା ହୋଇଲାଣି
ବଡ଼ ଖାଉଟିଆ ପାଇଁ
ଜଗତଜନଙ୍କ ଆରାଧ୍ୟ ଠାକୁର
ଅଟନ୍ତି ଜଗତସାଇଁ ।
ତୁଳସୀ ଦୟଣା ସଜଫୁଲ ମାଳେ
ମହକନ୍ତି କଳାନାଥ
ନଅଦିନ ରହି ଫେରି ଆସିବେସେ
ବସି ନନ୍ଦିଘୋଷ ରଥ ।
ବାହୁଡ଼ା ତିଥିରେ ବଡ଼ଦାଣ୍ଡେ ଯିବେ
ଭକ୍ତମେଳେ ହସିହସି
ଦୁଃଖୀ ରଙ୍କି ପାପୀ ଦୁଃଖ ବୁଝିବେ ସେ
ଆଶିଷ ଦେବେ ବରଷି ।
ମାଉସୀଙ୍କ ଘରେ ପୋଡ଼ପିଠା ଖାଇ
ପ୍ରଭୁ ଆସିଲେଣି ଫେରି
ବାହୁଡ଼ା ଯାତରା କଲେ ବଡ଼ଦାଣ୍ଡେ
ଭାଇ ଭଉଣୀଙ୍କୁ ଧରି ।
ଘଣ୍ଟ ଗିନି ଶଙ୍ଖ ବାଜି ଉଠିଲାଣି
ଫେରିଲା ବାହୁଡ଼ା ରଥ
ମନ୍ଦିର ଆଗରେ ତିନିରଥ ବିଜେ
ଆସିଲେଣି ଜଗନ୍ନାଥ ।

**ଭିକାରିପଡା, ଶରଣକୁଳ, ନୟାଗଡ଼**
**ମୋ-୯୨୩୮୯୯୬୬୪୯**

# ଦେଖହେ ସାଆନ୍ତେ

### ପ୍ରଶାନ୍ତ କୁମାର ଦାଶ



ସରିଯାଏ ସୁଖ ବେଳୁବେଳ ଦୁଃଖ
ସାଆନ୍ତେ ଆସୁଛି ମାଡି
ସଭିଙ୍କ ଅନ୍ତର ବିଷାଦରେ ଭରା
ମାୟା ଜଞ୍ଜାଳରେ ପଡି ।।

ତୁମହାତ ଗଢା ଛବିଳ ସଂସାର
କଷଣ କାଳିମା ଭରା
ଜୀବନ ପାଲଟେ ଅନ୍ଧାର ଆଲୋକ
କେତେବେଳେ ଛାଇ ଖରା ।।

ସବୁ ଦେଖୁଅଛ ମନ୍ଦିରେ ବସିଛ
ଷାଠିଏ ପଉଟି ଖାଇ
ଭକତର ଦୁଃଖ ଦେଖି ତୁମ ମନେ
ଦରଦ ଟିକିଏ ନାହିଁ ।।

ଗୁହାରି ଶୁଣୁନ ଡାଳୁଚି ଭକତ
ଆଖିରୁ ତତଲା ଲୁହ
ହରିଣୀ କଷଣ ଶୁଣିଥିଲ ଏବେ
ନିରବ କାହିଁକି କୁହ ।।

ଦାସିଆ ବାଉରୀ ଯାଚିଦେଲା ନେଲ
ତାଗଛ ନଡିଆଟିଏ
ବାଛି ବାଛି ଫଳ ନଉନା କାହିଁକି
ଯିଏ ଯାହା ଆଜି ଦିଏ ।।

ଭକ୍ତ ସାଲବେଗ ପାଇଁ ରହିଥିଲ
ରଥରେ ପ୍ରତୀକ୍ଷା କରି
ବନ୍ଧୁ ମହାନ୍ତିଙ୍କ ପେଟ ଭୋକ ବ୍ୟଥା
ବୁଝିଥିଲ ତୁମେ ହରି ।।

ଦେଖହେ ସାଆନ୍ତେ ତୁମ ଦୁନିଆରେ
ସଙ୍କଟ ହେଉଛି ବେଶୀ
ଜୀବନ ପଥରେ କଣ୍ଟା ଫୁଟିଯାଏ
ସୁଖ ସାଜେ ପରଦେଶୀ ।।

**କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ**
**ମୋ-୯୬୬୮୮୨୨୧୯୦**

# ଟାଣିବା ରଥ ଡୋରି

### ସୁହଂସ ଭୋଇ



ବରଷେ ଥରେ ଆଷାଢ ମାସେ
ରଥ ଯାତରା ଆସେ
ଜଗା କାଳିଆ ନୀଳାଚଳିଆ
ଯିବ ମାଉସୀ ପାଶେ

ରତନବେଦୀ ଛାଡି ଆସିବେ
ନନ୍ଦିଘୋଷରେ ବିଜେ
ସୁନା ଭଉଣୀ ଦେବଦଳନେ
ବଳିଆ ତାଳଧ୍ୱଜେ

ଭକତି ଭରେ ବଡଦାଣ୍ଡରେ
ଭକତେ ଚାହିଁ ଥିବେ
ଜୀବନ ଧନ୍ୟ ମିଳିବ ପୁଣ୍ୟ
ଦେଖିବେ ନେତ୍ରେ ଯେବେ

ମଥାରେ ଥିବ ସୁନା ମୁକୁଟ
ତୁଳସୀ ମାଳ ଅଙ୍ଗେ
ଗଳାରେ ମୋତି ମାଣିକ ହାର
ସଜେଇ ନାନା ଢଙ୍ଗେ

ବିଧି ବିଧାନେ ବଡ ସେବକ
ଛେରା ପହଁରା ଦେବେ
ବାଜିବ ଘଣ୍ଟ ଶଙ୍ଖ ଶବଦ
ରଥ ଗଡିବ ତେବେ

ଆସହେ ଭାଇ ଭଉଣୀ ମିଶି
ସଭିଏଁ ଯିବା ପୁରୀ
ଦାଣ୍ଡର ଧୂଳି ଦେହରେ ବୋଳି
ଟାଣିବା ରଥ ଡୋରି ।

**ପହଣ୍ଡି, ବିଜେପୁର, ବରଗଡ଼**
**ମୋ-୯୪୩୭୫୨୨୪୫୫**

# ନିରବତା

### ଚନ୍ଦନ କୁମାର ଦାସ

ଏ ନିରବତା ସବୁ ନଇ ହୋଇ
ବାହି ନେଉ ବେଦନାର ବାଲିଚର
ଅଭିମାନର ଆୟୁଷ ବା କେତେ
ଏ ନିରବତାର ନିଡରେ
ବସା ବାନ୍ଧି ରହିବ
ହସ ହୋଇ ଫୁଟିବ
କୋହ ହୋଇ ଫୁଟାଇବ
ଅଫିଙ୍ଗା ସ୍ମୃତିର ସୁନାକଢି... !
ତେଣେ ଦରଦର ଦାଗହୀନ ଦେହରୁ
ଲୁହ ସବୁ ଲିଭିଯିବା ପରେ
ଫେରିଆସେ ଗୋଟେ ସବୁଜ ଶତାବ୍ଦୀ
ଯା ଛାତିର ସ୍ପନ୍ଦନରେ ନିରବତା ନଇ ହୁଏ
ବାଟ ଭାଙ୍ଗି ଚାଲିଯାଉଥିବା
ସମୟର ପାଦ ଶବ୍ଦରେ
ଅଜଣା ରାସ୍ତାଟିଏ ଦେଖାଯାଏ ।

**ଭୋଗରାଇ, ବାଲେଶ୍ୱର**
**ମୋ-୮୧୧୪୩୪୫୯୮୮**

# ଦେବୀ

### ଲକ୍ଷ୍ମୀପ୍ରିୟା ମାଇତି



ଯଦି ମାନବୀ କହିଥାନ୍ତୁ
ଏଡ଼େଇ ହେଇନଥାନ୍ତା ବୋଧେ
ସମାଜର ଯେତେ ପ୍ରଥା ପରମ୍ପରା
ଡେଇଁ ନଥାନ୍ତି ଘର ଐଶାନ୍ୟ ଏରୁଣ୍ଡି ।

ମୋତେ ଦେବୀ ଡାକିଦେଲୁ
ଧୂପ ଦୀପ ଝୁଣା ଫୁଲ ଅଗୁରୁ ଚନ୍ଦନ
କର୍ପୁର ମହକରେ ମୋତେ ମହକେଇ ଦେଲୁ
ତୋ ନିଆରା ପଣରେ,
ତୋ ଭାବର ଭବ୍ୟତାରେ
ମନରେ, ପ୍ରାଣରେ, ଭକ୍ତିର ନିଷ୍ଠାରେ
ମୋତେ ମନ୍ତ୍ରମୁଗ୍ଧ କଲୁ
ଅଶାନ୍ତ ଆତ୍ମାକୁ ମୋର କରିଦେଲୁ ଶାନ୍ତ
ମୁଁ ହୋଇଲି ତୋ ଉପରେ ପ୍ରୀତ
ହେଲି ବି ତୋର ବଶୀଭୂତ ।


ଶୂନ୍ୟ ହେଲା ମୋର ପାଷାଣୀୟତା
ମୁଁ ପାଇଲି ଜୀବନ୍ୟାସ
ଚଳଚଞ୍ଚଳ ହେଲା ମୋର ନିଶ୍ୱାସ ପ୍ରଶ୍ୱାସ
ଇଛା ହେଲା ପୂର୍ଣ୍ଣ କରିବାକୁ ତୋର ଅଭିଳାଷ ।

ଅକୁଣ୍ଠିତ ଚିତ୍ତରେ
ମୋ ଦୈବୀ ପଣିଆରେ
ଉପରକୁ ଟେକି ଦେଲି ମୋର ହାତ
କହିଦେଲି... ‘ତଥାସ୍ତୁ !’
ସରିଗଲା ତୋର ରୀତି ନୀତି
ଭାବ ରସ ପ୍ରୀତି
କିନ୍ତୁ ମୁଁ ଏବେ ରାଜନୀତି କୁଟନୀତିର
ପଶାପାଳି ଖେଳରେ ବଳି ପଡ଼ିବାର
ପାଇଛି ସ୍ୱୀକୃତି ।
ମୁଁ ଦଣ୍ଡାୟମାନ ଦୁନିଆଁର ବଡ ଦାଣ୍ଡରେ
ପରିତ୍ୟକ୍ତ ପରିବ୍ରାଜକ
ମୋତେ ମନ୍ଦିର ମନା
ଏଠି ପାକଶାଳ ମନା
ପୂଜିବାକୁ ଈଶାଣ ବି ମନା...
ମଥା ପାତି ନେଇ ଯାଇଛି ମୁଁ
ସହିବାକୁ ପ୍ରଚଣ୍ଡ ପ୍ରତିବାଦ ପ୍ରତିଶୋଧ
ଧିକ୍କାର ଓ ତିରସ୍କାରର ଶ୍ରେଷ୍ଠତମ ବଇନା
ଯେହେତୁ ମୁଁ ତୋ ପାଇଁ ପ୍ରତ୍ୟକ୍ଷ ଦେବୀଟିଏ ହୋଇଥିଲି ନା !

**ସମ୍ପାଦିକା-ଅନ୍ତରୀକ୍ଷ (ତ୍ରୈମାସିକ ସାହିତ୍ୟ ପତ୍ରିକା)**
**ମୋ-୯୪୩୯୫୩୭୫୯୨**



# ପାରିବୁ ଯଦି ଲେଖି ଦେ



### ପ୍ରମୋଦ କୁମାର ମହାପାତ୍ର

ତ୍ରସ୍ତ, ବିବ୍ରତ, ମର୍ମାହତ
ଆଖି ଆଗରେ ନାଚୁଥିବା ଘଟଣା ପ୍ରବାହ, ସନ୍ତ୍ରାସ,
...ଉରି, ପୁଲୱାମା, ପହଲଗାମ,
ମାନବତାର ନୃଶଂସ ହତ୍ୟା ଘୃଣା, ହିଂସା ଜର୍ଜରିତ
ନିର୍ଲଜ୍ଜ ବର୍ବରତା, ଧର୍ମ ଆଳରେ ହତ୍ୟା !
ଏକବିଂଶ ଶତାବ୍ଦୀରେ ପୁନଃ ଆଦିମ ସଭ୍ୟତା ! !
କଥା, କାର୍ଯ୍ୟରେ କି ବିଷମତା !
ଜନ-ବିରୋଧୀଙ୍କ ବୃଥା ଆସ୍ଫାଳନ
ପଡ଼ୋଶୀର ବାଚାଳତା,
ନ୍ୟାୟର ଅବିଚାର, ଚରମ ଉଦାସୀନତା ! !



ହେ ମୋର ସଖା, ପ୍ରିୟ ଗୁଣୀ, ଜ୍ଞାନୀ, ସହଚର, ସଜ୍ଜନ
ତେଜି ଆତ୍ମାଭିମାନ ଉଠ, ହୁଅ ଜାଗ୍ରତ
ହାତରେ ତୋ’ ପାଶୁପାତ କାନ୍ଧରେ ଗାଣ୍ଡିବ
ଲକ୍ଷ୍ୟ ତୋର ପରିଦୃଷ୍ଟ ପଥ ନିର୍ଦ୍ଦିଷ୍ଟ, ଶପଥ ସୁସ୍ପଷ୍ଟ
ସୂର୍ଯ୍ୟଙ୍କ ତେଜ, ମରୁତର ପ୍ରବାହ
ସାଗରର ଗଭୀରତା, ଆକାଶର ଉଚ୍ଚତା,
ଧରିତ୍ରୀର ସହିଷ୍ଣୁତା, ସବୁ ତ ତୋ’ ପାଇଁ-କାହିଁ ବିସର୍ଜିତା !

ଏବେ ତୋ’ରି ହାତରେ ଡୋରି ତୋ’ ମୁଠାରେ ଭବିଷ୍ୟତ,
ପାରିବୁ ଯଦି ଲେଖି ଦେ ଅଲିଭା ଅକ୍ଷରରେ,-
‘ସ୍ୱଧର୍ମରେ ନାଶ ବରଂ-
ଧର୍ମ ହିତ ପାଇଁ ଅସ୍ତ୍ର ଧାରଣ ଜରୁରୀ,
ସୀମାପାର ଆତଙ୍କୀର ମରଣ ଜରୁରୀ ।
ସଦା ଉତ୍ସର୍ଗୀକୃତ ଏ ଜାତିର ପ୍ରାଣ
ଶାନ୍ତି, ମୈତ୍ରୀ, ପ୍ରେମ, ଭାତୃତ୍ୱ କାରଣ,
ନା ତୋର, ନା ମୋର
ଏ ଭୂମି ଆମର, ବିକଳ୍ପ ସ୍ୱର୍ଗର,
ଏକ ପରିବାର-ଭେଦ ଦୁଷ୍କର
ହେଉ ମାନବତାର ଜୟ ଜୟକାର’ ।

**କଳାପାଣି, ବରଗଡ଼,**
**ମୋ-୯୪୩୭୫୬୮୩୧୧**

# ଯାତ୍ରା ପଥ

### ଆଦ୍ୟାଶା ମହାପାତ୍ର

କେବେ ଉଠାଣିଆ କେବେ ଗଡାଣିଆ
ଏ ଜୀବନ ଯାତ୍ରା ପଥ,
କେବେ ଆସି ସୁଖ କେବେ ଆସି ଦୁଃଖ
ପହଞ୍ଚନ୍ତି ଅନାହୃତ ।।
କେବେ ଲକ୍ଷ ହୁଏ ପୂର୍ଣ୍ଣିମା ଜୋଛନା
ଲାଗେ ଭାଗ୍ୟ ଅଛି ସାଥେ
କେବେ ପୁଣି ଭେଟ ଅମା ଅନ୍ଧକାର
ଉଜାଣି ଜୀବନ ସ୍ରୋତେ ।।
କେବେ ସାଥୀମେଳେ ଜୀବନ ସୁନ୍ଦର
କେବେ ପୁଣି ଏକା ଏକା
ମୋହ ଗ୍ରସ୍ତ ମନ ଯାତ୍ରା ପଥେ ଦିନେ
ଭେଟେ ଶେଷ ଯବନିକା ।।
କେବେ ସେ ଶୀତଳ ଝରଣାର ସ୍ରୋତ
ଶାନ୍ତିପ୍ରଦ ଅବିରତ
କେବେ ହାହାକାର ମରୀଚିକା ପଥ
ଦୁର୍ଭାଗ୍ୟରେ ଜର୍ଜରିତ ।।
ଜୀବନ ଲାଗଇ କେବେ ଶିଶୁ ଓଠ
ହସ ଧାରେ ଖିଲିଖିଲି,
କେବେ ଏ ଜୀବନ ଯାତ୍ରା କପଟର ?
ଅନୁଜ୍ଞେୟ ଚୋରାବାଲି ।।
ଏନ୍ତୁଡିରୁ ଜୁଇ ଅବିଶ୍ରାନ୍ତ ସତେ
ଆମ ଏ ଜୀବନ ଯାତ୍ରା,
ରଥରୁ ସାରଥୀ ବାହୁଡିବା ଦିନ
ଲେଖା ହୁଏ ଶେଷକଥା ।।

**ନୂଆପଡା, କଟକ**



ଡ. ଚନ୍ଦ୍ରକଳା ନାୟକ

# ସୁଖନିଦ



ମାଣିକ ବାହାଘରକୁ ପ୍ରାୟ ୭ ବର୍ଷ ବିତିଗଲାଣି । ସେ ନିଜ ଇଛାରେ ନୁହେଁ ବରଂ ବାପା, ମାଆଙ୍କ ପସନ୍ଦକୁ ନିଜ ଜୀବନର ଅନ୍ତିମ ସିଦ୍ଧାନ୍ତ ଭାବେ ଆଦରି ନେଇଛି । ଜଣେ ଅଜଣା ଅପରିଚିତ ପୁରୁଷର ହାତ ଧରି ଦିନ କେଇଟାରେ ସେ କଟକ ଚାଲି ଆସିଥିଲା । ଜୀବନଟାକୁ ଏତେ କଷ୍ଟରେ ବିତେଇବାକୁ ପଡିବ, ସେ କେବେ ଭାବିନଥିଲା । ଶାଶୂଘରେ ପହଞ୍ଚିବା ପରେ ଆର୍ଥିକ ଜଞ୍ଜାଳରୁ ମୁକ୍ତି ପାଇଁ ଅଗତ୍ୟା ତା ସ୍ୱାମୀ କାଳିଆ ସହିତ ସହର ଆସିଲା । କାଳିଆ ସହରରେ ମଜୁରିଆ କାମ କରେ । କଟକରେ ଏକ ବସ୍ତିରେ ମାତ୍ର ପାଞ୍ଚଶହ ଟଙ୍କାରେ ବଖୁରେ ଘର । ଘର ମଝିରେ ଗୋଟିଏ ପରଦା । ପରଦା ଏପଟେ ସ୍ୱାମୀ ସ୍ତ୍ରୀ, ପରଦା ସେପଟେ ଏବେ ତାର ପୁଅ ଝିଅ । ଝିଅ ରେବତୀ ସ୍କୁଲ ଯାଏ । ସରକାରୀ ସ୍କୁଲରେ ପାଠ ପଢେ । ପୁଅଟା ୪ ବର୍ଷର । ସେ ଘରେ ରହେ । ଦିନସାରା ମାଣିକ ଘର ଘର ବୁଲି ପାଇଟି କରେ । ସ୍ୱାମୀ ସ୍ତ୍ରୀ ସକାଳ ହେଲେ ଘରୁ ବାହାରିଯାନ୍ତି । ବସ୍ତିର ପଡୋଶୀ ନାରଣ ମା ୨୦ ଟଙ୍କା ନେଇ ତା ପୁଅକୁ ଜଗେ । ମାଣିକ ନିଇତି ଦଶ ଘର ପାଇଟି କରେ । ତା ଝିଅ ରେବତୀକୁ ବଡ ମଣିଷ କରିବାର ସ୍ୱପ୍ନ ଦେଖେ । ଦିନରାତି ପରିଶ୍ରମ କରି ଅର୍ଥ ଉପାର୍ଜନ କରେ । ରାତି ୪ଟାରୁ ଉଠି ଘର କାମ କରେ । ରାତି ପାହିଲେ ବଡବାବୁଙ୍କ ଘରକୁ ଯାଏ । ଫନୀ ପ୍ରଧାନ ଜିଲ୍ଲାପାଳ କାର୍ଯ୍ୟାଳୟର ବଡବାବୁ । ତାର ପ୍ରଥମ ପାଇଟି ସେଇଠାରୁ ଆରମ୍ଭ ହୁଏ ।

ସକାଳୁ ସକାଳୁ କଲିଂବେଲ୍ ଶବ୍ଦରେ କବାଟ ସହଜରେ ଫିଟେନି । ମାଣିକ ତ ସବୁବେଳେ ବ୍ୟସ୍ତ । ଦୁଆର ମୁହଁରେ ଠିଆ ହୋଇ ଖାଲି ବ୍ୟତିବ୍ୟସ୍ତ ହୁଏ । ପାଞ୍ଚ ଦଶ ମିନିଟ୍ ଅନ୍ତରରେ ଫନୀ ପ୍ରଧାନଙ୍କ ସ୍ତ୍ରୀ ପୂଜା ମାଡାମ ଆଖି ମଳି ମଳି କବାଟ ଖୋଲନ୍ତି । ନିଦୁଆ ଆଖିରେ ମାଣିକକୁ ଦେଖି କୁହନ୍ତି- ବୁଝିଲୁ କାଲି ରାତି ସାରା ଶୋଇନି । ଆଖି ଜମା ଖୋଲିପାରୁନି । ଆଖି ଦିଟା ଖାଲି ପୋଡୁଛି । ସେଥିପାଇଁ ଭୋରୁ ଭୋରୁ ଶୋଇପଡିଥିଲି । ଏତିକି କହି ପୂଜା ମାଡାମ ପୁଣି ଡ୍ରଇଁ ରୁମ୍‌ର ବିଭାନ ଉପରେ କୁଶନଟା ଧରି ଘୁମେଇ ପଡିଲେ । ମାଣିକ ଖାଲି ମାଲିକାଣୀକୁ ତେରେଛା ନଜରରେ ଅନାଇଦେଲା । ଚିରଚରିତ କଥାର କୌଣସି ଉତ୍ତର ଦେବାକୁ ଚାହୁଁନଥିଲା । ତା ବାସି ପାଇଟିରେ ସେ ମନୋନିବେଶ କଲା । କାରଣ ମାଣିକ ଜାଣେ ଏଠୁ କାମ ସରିଲେ ଆଉ ତିନି ଘର କାମ କରିବ । ଏମିତି ତ ପୂଜାଦେବୀଙ୍କ ଏଇଟା ନିଇତି ଉତ୍ତର । ଏଇଟା ତା ପାଇଁ ଶୁଣିବା ଜମାରୁ ନୂଆ ନୁହେଁ । ମାଣିକ ବାସନ ମାଜୁ ମାଜୁ ଭାବେ- ରାତିଟା ଜମା ସରନ୍ତାନି ଯଦି, ସେ ନିଜେ ବି ଖୁବ ନିଘୋଡ ନିଦରେ ସୁଅନ୍ତା । ହେଲେ କଣ ହେବ, ତା କପାଳରେ କଣ ଶୋଇବା ଅଛି ? ସକାଳୁ ଉଠି ନିଜ ଘରର ସବୁ କାମ ତାକୁ କରିବାକୁ ପଡେ । ତତଲା ନାଲି ଚାହା ସାଙ୍ଗକୁ ମୁଠାଏ ଅଟାଭଜା ଖାଇ ସ୍ୱାମୀ, ସ୍ତ୍ରୀ ଯୋଝା କାମରେ ବାହାରି ପଡନ୍ତି । ପିଲା ଦୁହିଁଙ୍କ ପାଇଁ ବାସି ପଖାଳ ଆଉ ଆଳୁ ସିଝା ରଖିଦେଇଥାଏ । ବେଳେବେଳେ ତା ଝିଅ ରେବତୀ ବାସି ପଖାଳ ସାଙ୍ଗରେ ଖଟା ଚକଟି ଖାଇ ସ୍କୁଲକୁ ଯାଏ । ତା ପୁଅ ବାବୁ ତିନି ବରଷର । ତା ପାଇଁ ଛତୁଆ ନାରଣ ମା ପାଖରେ ମାଣିକ ଦେଇଆସେ ।

କାମ ସାରି ମାଣିକ ଘରକୁ ଫେରୁ ଫେରୁ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଯାନ୍ତି । କାମ ବେଳେ ବାବୁଘର ମାନେ ତାକୁ ନିଇତି ବାସିସଜ ମିଶାଇ କିଛି ନା କିଛି ଦେଇଥାନ୍ତି । ମା ପୁଅ ସେଥିରୁ ପେଟେ ଖାଇ ନିଶ୍ୱାସ ମାରନ୍ତି । ମାଣିକ ତା ଲୁଗା କାନି ପାରି ନିଘୋଡ ନିଦରେ ଶୋଇଯାଏ । ହେଁସ ଖଣ୍ଡକ ପକାଇବାକୁ ତାର ବଳ ପାଏନା । ଉଠିଲା ବେଳକୁ ବେଳ ରତ ରତ । ଦିନରେ ତା ଗେରସ୍ତ ଘରକୁ ଆସେନା । ଯେଉଁଠି କାମ କରେ ସେହିଠାରେ ଖାଏ । ଆଉ ମାଣିକର ଝିଅ ରେବତୀ ମଧ୍ୟାହ୍ନ ଭୋଜନରେ କାମ ଚଳାଏ । ଦିନ ବେଳା ରାନ୍ଧିବାରୁ ମାଣିକ ତ୍ରାହି ପାଇଯାଏ । ଏଥର ଝିଅ ପାଖରେ ମୁଢିଡବା ରଖି ପୁଅକୁ ବୋକ ଦେଇ ଉପର ବେଳା କାମରେ ବାହାରିଯାଏ । ତା ଝିଅ ରେବତୀ ସଂଧ୍ୟା ସମୟରେ ତା ପୁଅର ଯତ୍ନ ନିଏ । ମାଣିକ କାମ ସାରୁ ସାରୁ ସଞ୍ଜ ଆକାଶରେ ଜହ୍ନ ଉଙ୍କି ମାରେ ।

ଏଥର ପାଖରେ ବସି ତା ଗେରସ୍ତ ଚୁଲି ଜାଳେ । ମାଣିକ ଚୁଡା ଭାଜେ । ସଂଧ୍ୟାରେ ଟିକେ ଖିର ଚାହା ପିଇ ସ୍ୱାମୀ ସ୍ତ୍ରୀ ଦି ପ୍ରାଣୀ ଦିନ ତମାମର କଥା ଆଲୋଚନା କରନ୍ତି । ତା ଗେରସ୍ତ ଆଗରେ ବେଳେ ବେଳେ ମାଣିକ ବାବୁ ଘରର ଗୁମର ଖୋଲେ । ତାରି ଭିତରେ ଗରମ ଗରମ ଭାତ, ଡାଲି, ତରକାରୀ ରନ୍ଧା ହୋଇଯାଏ । ପୁଅ ଝିଅ ଦୁହିଁଙ୍କୁ ନିଜ ହାତରେ ପେଟପୁରା ମାଣିକ ମନଭରି ଖୁଆଇଦିଏ । ଦିନସାରା ଛୁଆ ଦିଟା ଶାନ୍ତିରେ ଖାଇ ପାରନ୍ତିନାହିଁ ବୋଲି ମାଣିକର ଭାରି ଦୁଃଖ । ନିଉଛୁଣା ଜୀବନରେ କେବେ ତାର ଶାନ୍ତି ଆସିବ ସେକଥା ଭାବି ବସେ । ମାଣିକ ରାତିର ଖାଇବା ଶାନ୍ତିରେ କରେ ଓ ଖୁଆଏ । ତା ଗେରସ୍ତକୁ ପେଟପୁରା ଖାଇବାକୁ ଦେଇ ତାରି ଅଇଁଠା ଥାଳିରେ ସେ ବି ଖାଇଦିଏ । ସବୁଦିନେ ସେ ଥାଳିରେ ଅଧାଖିଆରେ ମାଣିକର ଆଖି ମାଡି ପଡେ । ଥକାପଣରେ ଶରୀରଟା ଅବଶ ହୋଇଯାଏ । ଅଇଁଠା ଗୋଟାଇବାକୁ ତାର ବଳ ପାଏନା । ଯଥେ କଥେ ହାତ ଧୁଏ । ଏଇଟା ମାଣିକ ଜୀବନର ନୀତିଦିନର କାହାଣୀ । କେବେ ସେ ଶାନ୍ତିରେ ନିଶ୍ୱାସ ମାରିପାରେନା ।

ମାଣିକ ଆଜି ବିଛଣାରେ ଶୋଇବା ବେଳେ ପୂଜା ମାଡାମଙ୍କ କଥା ଗଭୀର ଭାବରେ ମନେ ପକାଇଛି । ପୂଜା ମାଡାମଙ୍କ ଘରେ ତ ମଖମଲର ବିଛଣା । କୋଠରୀକୁ ଥଣ୍ଡା କରୁଥିବା ଯନ୍ତ୍ର ସାଙ୍ଗକୁ ମଶାମରା ଯନ୍ତ୍ର । ନରମ ଗଦି ତକିଆ । ସେଠି ତ ଗୋଟିଏ ସୁନ୍ଦର ସୁଖ ନିଦ୍ରା ହୋଇପାରିବ । ତାକୁ ଯଦି ଶୋଇବାର ସୁଯୋଗ ମିଳନ୍ତା ଦିନ ରାତି ଖାଲି ସୁଖ ନିଦରେ ଶୁଅନ୍ତା । ତା ଭାଗ୍ୟରେ କଣ ଏହା ଅଛି ? ତା ଭଙ୍ଗା କୁଡିଆରେ ବିନା ବିଛଣାରେ ତାକୁ ସାଙ୍ଗେ ସାଙ୍ଗେ ନିଦ ଆସୁଥିବା ବେଳେ ପୂଜା ମାଡାମଙ୍କୁ କାହିଁକି ନିଦ ଆସେନି ? ନା ନା.... ସୁଖନିଦ ପାଇଁ ଆରାମ ଜୀବନଶୈଳୀ ନୁହେଁ ଭଲ କର୍ମ ଆବଶ୍ୟକ । ଏତିକି ଭାବୁ ଭାବୁ ମାଣିକକୁ କେତେବେଳେ ନିଦ ଆସିଯାଏ । ଫୁକିଆ ତାରା ଆକାଶରେ ଉଙ୍କି ମାରେ । ମାଣିକ ଗେରସ୍ତ ଡାକ ଛାଡେ, ଆରେ ଉଠୁ ବା.... ଆଜି କାମକୁ ଯିବୁନି କି ? ମାଣିକ ସେଇ ସୁଖ ନିଦର ଭାବନାରେ ଗୋଟିଏ ବିରାଟ ପୂର୍ଣ୍ଣଛେଦ ଟାଣେ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର**
**ମୋ-୯୪୩୭୯୫୭୬୧୭**

# ବର୍ମିଂହାମ ଟେଷ୍ଟ : ଇଂଲଣ୍ଡ ୪୦୭ ରନରେ ଅଲଆଉଟ, ଭାରତ ୧୮୦ ରନରେ ଆଗୁଆ

**ବର୍ମିଂହାମ**

ବର୍ମିଂହାମ ଟେଷ୍ଟରେ ଇଂଲଣ୍ଡ ନିଜର ପ୍ରଥମ ଇନିଂସରେ ୪୦୭ ରନ କରି ଅଲଆଉଟ ହୋଇଯାଇଛି। ଏହା ଫଳରେ ଭାରତ ପ୍ରଥମ ଇନିଂସରେ ୧୮୦ ରନରେ ଆଗୁଆ ରହିଛି। ଇଂଲଣ୍ଡ ଦଳ ପକ୍ଷରୁ ୬ ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନଥିବା ବେଳେ କେବଳ ଦୁଇଜଣ ବ୍ୟାଟ୍ସମ୍ୟାନ-ହ୍ୟାରୀ ବ୍ରୁକ ଓ ଜେମି ସ୍ମିଥ୍ ସାହସର ସହ ଭାରତୀୟ ବୋଲରଙ୍କ ମୁକାବିଲା କରିଥିଲେ ଦଳକୁ ଫଲୋ-ଅନ ହେବାରୁ ରକ୍ଷା କରିଥିଲେ। ବ୍ରୁକ ୧୫୮ ରନ ଓ ସ୍ମିଥ ୧୮୪ ରନ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ ୬ଟି ଓ ଆକାଶ ଦୀପ ୪ଟି ୱିକେଟ ନେଇଥିଲେ। ଭାରତ ନିଜର ୨ୟ ଇନିଂସ ବ୍ୟାଟିଂ ଆରମ୍ଭ କରିଛି।



# ଲଗାତାର ପଞ୍ଚମଥର ପାଇଁ ମାଗନସ୍ କାର୍ଲସେନଙ୍କୁ ହରାଇଲେ ଡି. ଗୁକେଶ

**ନୂଆଦିଲ୍ଲୀ**

ଭାରତୀୟ ଚେସ୍ ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶ କ୍ରୋଏସିଆର ଜାଗ୍ରେବରେ ଚାଲିଥିବା ଗ୍ରାଣ୍ଡ ଚେସ୍ ଟୁର୍‌ର ସୁପରଇଉନାଇଟେଡ୍ ରାପିଡ୍ ଓ ବ୍ଲିଟ୍ଜ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ନମ୍ବର ୱାନ୍ ଖେଳାଳି ମାଗନସ୍ କାର୍ଲସେନଙ୍କୁ ପୁଣିଥରେ ପରାସ୍ତ କରି ଚମକ ସୃଷ୍ଟି କରିଛନ୍ତି। ଏହା ତାଙ୍କର କ୍ରମାଗତ ପଞ୍ଚମ ବିଜୟ ଏବଂ ଦ୍ୱିତୀୟ ଦିନ ଶେଷରେ ସେ ୧୦ ପଏଣ୍ଟ ସହ ଟୁର୍ଣ୍ଣାମେଣ୍ଟରେ ଏକମାତ୍ର ଅଗ୍ରଣୀ ଭାବେ ଉଭା ହୋଇଛନ୍ତି।

ଷଷ୍ଠ ରାଉଣ୍ଡରେ ଗୁକେଶ କଳା ଗୋଟି ନେଇ ଖେଳିଥିବା ଏହି ମୁକାବିଲାରେ କାର୍ଲସେନଙ୍କୁ ୪୯ ଚାଲରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ନରୱେ ଚେସ୍ ୨୦୨୫ରେ ମଧ୍ୟ ଗୁକେଶ କାର୍ଲସେନଙ୍କୁ ହରାଇଥିଲେ, ଯାହା ତାଙ୍କ ପାଇଁ ଏକ ବଡ଼ ସଫଳତା ଥିଲା। ଏହି ବିଜୟ ଗୁକେଶଙ୍କୁ କେବଳ ଟୁର୍ଣ୍ଣାମେଣ୍ଟରେ ଆଗରେ ରଖିନାହିଁ, ବରଂ କାର୍ଲସେନଙ୍କର ପ୍ରାଧାନ୍ୟକୁ ପ୍ରଶ୍ନବାଚୀ କରିଛି, ଯେଉଁଥିପାଇଁ ଚେସ୍ ଲିଜେଣ୍ଡ ଗ୍ୟାରି କାସ୍ପାରୋଭ ମଧ୍ୟ ମନ୍ତବ୍ୟ ଦେଇଛନ୍ତି ଯେ, "ଏବେ ଆମେ ମାଗନସ୍‌ଙ୍କ ଆଧିପତ୍ୟକୁ ପ୍ରଶ୍ନ କରିପାରିବା।"




ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କାର୍ଲସେନ ଗୁକେଶଙ୍କୁ "ଟୁର୍ଣ୍ଣାମେଣ୍ଟର ସମ୍ଭାବ୍ୟ ଦୁର୍ବଳ ଖେଳାଳିମାନଙ୍କ ମଧ୍ୟରୁ ଜଣେ" ବୋଲି ମନ୍ତବ୍ୟ ଦେଇଥିଲେ। କିନ୍ତୁ ଗୁକେଶ ଏହି ମନ୍ତବ୍ୟର ଦମ୍‌ଦାର ଜବାବ ଦେଇ ପ୍ରଥମ ଦିନରେ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଆଲିରେଜା ଫିରୋଜା ଓ ପ୍ରଜ୍ଞାନନ୍ଦଙ୍କୁ ହରାଇ କାର୍ଲସେନଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଦ୍ୱିତୀୟ ଦିନରେ ସେ କାର୍ଲସେନଙ୍କୁ ପରାସ୍ତ କରି ଏକ ୨ ପଏଣ୍ଟର ଅଗ୍ରଣୀ ପାଇଁ ଏକାକୀ ଶୀର୍ଷରେ ପହଞ୍ଚିଛନ୍ତି।

ଏହି ବିଜୟ ଗୁକେଶଙ୍କ ରାପିଡ୍ ଓ ବ୍ଲିଟ୍ଜ ଫର୍ମାଟରେ ସାମର୍ଥ୍ୟକୁ ପ୍ରମାଣ କରିଛି, ଯେଉଁଥିରେ କାର୍ଲସେନ ପୂର୍ବରୁ ତାଙ୍କୁ ଦୁର୍ବଳ ବୋଲି ଭାବିଥିଲେ। ଏହା ଗୁକେଶଙ୍କ କ୍ୟାରିଅରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯିଏକି ନିକଟରେ ନରୱେ ଚେସ୍‌ରେ ମଧ୍ୟ କାର୍ଲସେନଙ୍କୁ ପ୍ରଥମଥର ପାଇଁ କ୍ଲାସିକାଲ ଫର୍ମାଟରେ ହରାଇଥିଲେ।

# ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ**

ଏସିଆର ପୁରାତନ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିବେ। ଇଣ୍ଡିଆନ ଆର୍ମି ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୫ଟି ରାଜ୍ୟରେ ଜୁଲାଇ ୨୩ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱର ଏହି ତୃତୀୟ ସର୍ବପୁରାତନ ଟୁର୍ଣ୍ଣାମେଣ୍ଟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ ଓ ଆସାମରେ ଖେଳାଯିବ।

ଶୁକ୍ରବାର ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଟୁର୍ଣ୍ଣାମେଣ୍ଟର ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। ଇଭେଣ୍ଟରେ ଭାରତୀୟ ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ, ଚିଫ୍ ଅଫ୍ ଇଣ୍ଡିଆନ ଆର୍ମି ଉପେନ୍ଦ୍ର ଦ୍ୱିବେଦୀ, ଚିଫ୍ ଇଣ୍ଡିଆନ ଏୟାର ଫୋର୍ସ ଏୟାର ଚିଫ୍ ମାର୍ଶଲ ଅମରପ୍ରୀତ୍ ସିଂ ଓ ଚିଫ୍ ଅଫ୍ ଇଣ୍ଡିଆ ନ୍ୟାଭି ଆଡ୍‌ମିରାଲ ଦୀନେଶ କେ. ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧନ କରି କହିଥିଲେ, କ୍ରୀଡ଼ା ହେଉଛି ଏକ ମାଧ୍ୟମ ଯାହା ଶୃଙ୍ଖଳା, ଦୃଢ଼ ସଂକଳ୍ପ ଏବଂ ଦଳଗତ ମନୋଭାବକୁ ପ୍ରୋତ୍ସାହିତ କରିଥାଏ ଏବଂ ବିଭିନ୍ନ ଧର୍ମ, ଭାଷାଭାଷୀର ଲୋକ ଏବଂ ଦେଶକୁ ଯୋଡ଼ିବା କ୍ଷେତ୍ରରେ ସହାୟକ ହୋଇଥାଏ।

# ଭଉଣୀଙ୍କ ପାଇଁ ବଦଳି ଯାଇଥିଲା ଭାଗ୍ୟ, ନଚେତ ଟ୍ରକ୍ ଡ୍ରାଇଭର ହୋଇଥାନ୍ତି : ଭଜି


**ନୂଆଦିଲ୍ଲୀ**

ଭାରତୀୟ ଦଳର ପୂର୍ବତନ ସ୍ପିନର ହରଭଜନ ସିଂହ ଜୁଲାଇ ୩ରେ ୪୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଭାରତ ପାଇଁ ଟେଷ୍ଟରେ ହ୍ୟାଟ୍ରିକ୍ ନେଇଥିବା ଭଜି ୨୦୦୧ରେ ଭାରତରେ ଅଷ୍ଟ୍ରେଲିଆର ବିଜୟ ଧାରା ବନ୍ଦ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ। କ୍ରିକେଟରୁ ଅବସର ନେବା ପରେ, ହରଭଜନ ସିଂହ ଏବେ କମେଣ୍ଟ୍ରି କରୁଛନ୍ତି।

୨୦୦୧ରେ ଅଷ୍ଟ୍ରେଲିଆ ଦଳର କ୍ରମାଗତ ୧୫ ଟେଷ୍ଟ ମ୍ୟାଚ ଜିତିବା ଧାରା ବନ୍ଦ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ହରଭଜନ ସିଂହ ଏବେ ୪୫ ବର୍ଷ ବୟସରେ। ଅଷ୍ଟ୍ରେଲିଆ ବିପକ୍ଷରେ ସେହି ତିନିଟି ଟେଷ୍ଟ ସିରିଜରେ, ହରଭଜନ ସିଂହ ହ୍ୟାଟ୍ରିକ ସହିତ ମୋଟ ୩୨ ଉଇକେଟ ନେଇଥିଲେ। କିନ୍ତୁ ଏପରି ଏକ ସମୟ ଆସିଥିଲା ଯେତେବେଳେ ହରଭଜନ ସିଂହ କ୍ରିକେଟ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ।

୧୯୯୮ରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନ୍ତର୍ଜାତୀୟ କ୍ରିକେଟ ଡେବ୍ୟୁ କରିଥିବା ହରଭଜନଙ୍କୁ ଦେଢ଼ ବର୍ଷ ମଧ୍ୟରେ ଭାରତୀୟ ଦଳରୁ ବାହାର କରିଦିଆଯାଇଥିଲା। ଏହି ସମୟରେ ତାଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା। ଏହା ପରେ ପରିବାରର ପେଟ ପୋଷିବା ପାଇଁ ହରଭଜନ କ୍ରିକେଟ ଛାଡ଼ି ଟ୍ରକ୍ ଡ୍ରାଇଭର ହେବାକୁ ନିଷ୍ପତ୍ତି ନେଇଥିଲେ, କିନ୍ତୁ ତାଙ୍କ ବଡ଼ ଭଉଣୀ ତାଙ୍କୁ ଏପରି କରିବାରୁ ବାରଣ କରିଥିଲେ ଏବଂ କ୍ରିକେଟ ଉପରେ ଧ୍ୟାନ ଦେବାକୁ କହିଥିଲେ। ଏହା ପରେ ଭଜିଙ୍କ ଭାଗ୍ୟ ବଦଳି ଯାଇଥିଲା।

ଏହା ପରେ ସେ ୨୦୦୦ ମସିହାରେ ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ୫ଟି ମ୍ୟାଚ୍‌ରେ ୨୮ଟି ୱିକେଟ ନେଇ ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହା ପରେ ହରଭଜନ ସିଂହ ପଛକୁ ଫେରି ଚାହିଁ ନ ଥିଲେ। ସେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇତିହାସ ସୃଷ୍ଟି କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ତିନିଟିକିଆ ଟେଷ୍ଟ ସିରିଜ୍‌ରେ ହ୍ୟାଟ୍ରିକ୍ ସହିତ ମୋଟ ୩୨ଟି ୱିକେଟ ନେଇ ଦଳରେ ନିଜର ସ୍ଥାନ ନିଶ୍ଚିତ କରିଥିଲେ।



୨୦୦୧ ମସିହାରେ, ଅଷ୍ଟ୍ରେଲିଆ ଦଳ ଲଗାତାର ୧୫ଟି ଟେଷ୍ଟ ମ୍ୟାଚ୍ ଜିତିବା ପରେ ଭାରତ ଆସିଥିଲା। ଏହି ସିରିଜ୍‌ରେ ହରଭଜନଙ୍କୁ ଅନିଲ କୁମ୍ବଲେଙ୍କ ସ୍ଥାନରେ ଖେଳିବାର ସୁଯୋଗ ମିଳିଥିଲା। ଟେଷ୍ଟ ସିରିଜର ପ୍ରଥମ ମ୍ୟାଚରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏଥିରେ ହରଭଜନ ୪ଟି ଉଇକେଟ ନେଇଥିଲେ, କିନ୍ତୁ ବାକି ଦୁଇଟି ମ୍ୟାଚ୍‌ରେ ଭଜି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସେ ହ୍ୟାଟ୍ରିକ୍ ସହିତ ମୋଟ ୨୮ଟି ଉଇକେଟ ନେଇଥିଲେ, ଯାହା ଫଳରେ ଟିମ୍ ଇଣ୍ଡିଆ ଅଷ୍ଟ୍ରେଲିଆକୁ ୨-୧ରେ ପରାସ୍ତ କରିଥିଲା ଏବଂ ଏହାର ବିଜୟ ଅଭିଯାନ ବନ୍ଦ କରି ଦେଇଥିଲା।

ହରଭଜନ ସିଂହ ଭାରତ ପାଇଁ ୧୦୩ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏଥିରେ ସେ ୪୧୭ଟି ଉଇକେଟ ନେଇଛନ୍ତି। ଏହା ବ୍ୟତୀତ ସେ ଟେଷ୍ଟ କ୍ରିକେଟରେ ଦୁଇଟି ଶତକ ଏବଂ ୯ ଅର୍ଦ୍ଧଶତକ ମଧ୍ୟ ମାରିଛନ୍ତି। ଏହି ସମୟ ମଧ୍ୟରେ ସେ ୨୨୨୪ ରନ କରିଛନ୍ତି। ଭଜି ୨୩୬ ଦିନିକିଆରେ ୨୬୯ ଉଇକେଟ ନେଇଛନ୍ତି, ଯେତେବେଳେ ସେ ୨୮ଟି ୨୦ ମ୍ୟାଚ୍‌ରେ ୨୫ ଉଇକେଟ ନେଇଛନ୍ତି। ଏହା ବ୍ୟତୀତ ସେ ଆଇପିଏଲରେ ୧୬୩ ମ୍ୟାଚ୍ ଖେଳିଛନ୍ତି। ଏଥିରେ ସେ ୧୫୦ ଉଇକେଟ ନେଇଛନ୍ତି। ସେ ୧୯୯୮ରୁ ୨୦୧୬ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟ ଖେଳିଛନ୍ତି।

ଭାରତର 'ଟର୍ବିନେଟର' କୁହାଯାଉଥିବା ହରଭଜନ ସିଂହଙ୍କ ସମ୍ପତ୍ତି ବିଷୟରେ କହିବାକୁ ଗଲେ, ଏହା ୮୩ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଭଜି ଦୀର୍ଘ ସମୟ ଧରି ଭାରତୀୟ କ୍ରିକେଟ ଦଳର ଅଂଶ ଥିଲେ ଏବଂ ବିସିସିଆଇର ଗ୍ରେଡ୍-ଏ ଚୁକ୍ତିନାମାରେ ସାମିଲ ଥିଲେ। ସେ ବିସିସିଆଇରୁ ପ୍ରତିବର୍ଷ ୪୦-୫୦ ଲକ୍ଷ ଟଙ୍କା ରୋଜଗାର କରୁଥିଲେ। ହରଭଜନ ସିଂହଙ୍କ ବାର୍ଷିକ ଆୟ ୬ କୋଟି ଟଙ୍କାରୁ ଅଧିକ ବୋଲି କୁହାଯାଏ। ତାଙ୍କର ଅନେକ ବିଳାସପୂର୍ଣ୍ଣ କାର୍ ଅଛି। ତାଙ୍କର ଜଳନ୍ଧରରେ ଏକ ବିଳାସପୂର୍ଣ୍ଣ ବଙ୍ଗଳା ମଧ୍ୟ ଅଛି, ଯେଉଁଠାରେ ସେ ତାଙ୍କ ପରିବାର ସହିତ ରୁହନ୍ତି। ଏହା ବ୍ୟତୀତ ତାଙ୍କର ମୁମ୍ବାଇରେ ଏକ ଘର ମଧ୍ୟ ଅଛି। ସେ ଚଳଚ୍ଚିତ୍ର ଅଭିନେତ୍ରୀ ଗୀତା ବାସରାଙ୍କୁ ବିବାହ କରିଛନ୍ତି।

# ନୋ ବଲ୍, ବାରମ୍ବାର କ୍ୟାଚ୍ ହାତଛଡ଼ା : ଲିଡ୍ସର ଭୁଲ ଏଜବାଷ୍ଟନରେ ଦୋହରାଉଛି ଟିମ୍ ଇଣ୍ଡିଆ

**ବର୍ମିଂହାମ**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଜବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ତେବେ ଏହି ମ୍ୟାଚ୍‌ରେ ବି ପ୍ରଥମ ମ୍ୟାଚ୍‌ର କାହାଣୀ ଦୋହରାଯାଉଛି। ଟିମ୍ ଇଣ୍ଡିଆର ବ୍ୟାଟର ଲଗାତାର ବଡ଼ ସ୍କୋର ଠିଆ କରୁଛନ୍ତି, କିନ୍ତୁ ବୋଲିଂ ଓ ଫିଲ୍ଡିଂରେ ଲଗାତାର ନିରାଶଜନକ ପ୍ରଦର୍ଶନ ଦେଖିବାକୁ ମିଳୁଛି। ଲିଡ୍ସ ଟେଷ୍ଟରେ ଖରାପ ବୋଲିଂ ଓ ତା'ଠାରୁ ବି ଖରାପ ଫିଲ୍ଡିଂ ଟିମ୍ ଇଣ୍ଡିଆ ପରାଜୟର ପ୍ରମୁଖ କାରଣ ପାଲଟିଥିଲା। ଏବେ ସେହି ସ୍ଥିତି ଏଜବାଷ୍ଟନ ଟେଷ୍ଟରେ ବି ଦେଖିବାକୁ ମିଳୁଛି। ପ୍ରଥମେ ବ୍ୟାଟିଂ କରି ଟିମ୍ ଇଣ୍ଡିଆ ୫୮୭ ରନର ବିଶାଳ ସ୍କୋର କରିଛି। ଅନ୍ୟପଟେ କିନ୍ତୁ ବୋଲିଂ ଓ ଫିଲ୍ଡିଂରେ ଖେଳାଳିଙ୍କ ଅନୁଶାସନହୀନତା ଇଂଲଣ୍ଡକୁ କମ୍‌ବ୍ୟାକ୍ କରିବାର ସୁଯୋଗ ଦେଇଛି।

ବର୍ମିଂହାମର ଏଜବାଷ୍ଟନରେ ଜୁଲାଇ ୨ରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ଦୁଇ ଦିନ ଟିମ୍ ଇଣ୍ଡିଆ ନାଁରେ ରହିଥିଲା। ଅଧିନାୟକ ଶୁଭମନ ଗିଲ୍‌ଙ୍କ ଐତିହାସିକ ଦ୍ୱିଶତକ ବଳରେ ଭାରତ ୫୮୭ ରନ୍ କରିବାରେ ସକ୍ଷମ ହେଲା। ଏହାପରେ ବୋଲର ବି ଭଲ ପ୍ରଦର୍ଶନ କରି ୨୫ ରନ୍‌ରେ ୩ ୱିକେଟ୍ ନେଇଥିଲେ। ଏହିପରି ତୃତୀୟ ଦିନ ଆରମ୍ଭରେ ଭାରତୀୟ ଟିମ୍ ଭଲ ପ୍ରଦର୍ଶନ କରିଥିଲା ଓ ଦ୍ୱିତୀୟ ଓଭରରେ ହିଁ ରୁଟ୍ ଓ ବେନ୍ ଷ୍ଟୋକ୍ସଙ୍କ ୱିକେଟ୍ ମିଳିଥିଲା।

ଏହା ସତ୍ତ୍ୱେ, ଫ୍ୟାନ୍ସଙ୍କୁ ଟିମ୍ ଇଣ୍ଡିଆର ଫିଲ୍ଡିଂ ନିରାଶ କରିଛି। ଶେଷ ଟେଷ୍ଟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ୭-୮ କ୍ୟାଚ୍ ଛାଡ଼ିଥିଲା। ଏଜବାଷ୍ଟନରେ ଟିମ୍ ଇଣ୍ଡିଆର ଫିଲ୍ଡିଂର ସମାନ୍ୟ ସୁଧାର ଆସିଥିଲା। ଅଧିନାୟକ ଶୁଭମନ ଗିଲ୍, କେଏଲ ରାହୁଲ ଏବଂ କରୁଣ ନାୟାର କୌଣସି ଭୁଲ ନକରି ସ୍ଲିପ୍‌ରେ କ୍ୟାଚ୍ ନେଇଥିଲେ। କିନ୍ତୁ ତୃତୀୟ ଦିନରେ ଟିମ୍ ଇଣ୍ଡିଆ ଗୋଟିଏ ପରେ ଗୋଟିଏ ୩ଟି କ୍ୟାଚ୍ ଛାଡ଼ିଥିଲା। ଏଥିମଧ୍ୟରୁ ଜେମି ସ୍ମିଥ୍ ଦୁଇଥର ଜୀବନଦାନ ପାଇଥିଲେ, ଅନ୍ୟପଟେ ହ୍ୟାରି ବ୍ରୁକ୍‌ଙ୍କ କ୍ୟାଚ୍ ହାତ ଛଡ଼ା କରିଥିଲେ।

ପ୍ରଥମେ ୱାଶିଂଟନ ସୁନ୍ଦର ତାଙ୍କ ନିଜ ବୋଲିଂରେ ସ୍ମିଥଙ୍କ କ୍ୟାଚ୍ ଛାଡି ଦେଇଥିଲେ। ଇନିଂସର ୪୨ତମ ଓଭରରେ ସ୍ମିଥ୍ ୯୧ ରନରେ ଖେଳୁଥିବା ବେଳେ ତାଙ୍କୁ ଏହି ଜୀବନଦାନ ମିଳିଥିଲା। ଏହାର ଫାଇଦା ଉଠାଇ ସେ ମାତ୍ର ୮୦ ବଲରେ ଶତକ ହାସଲ କରିଥିଲେ। ଏହାପରେ ୫୪ତମ ଓଭରରେ ନୀତିଶ କୁମାର ରେଡ୍ଡିଙ୍କ ପ୍ରଥମ ବଲରେ ପୁଣି ସ୍ମିଥ୍‌ଙ୍କ କ୍ୟାଚ୍ ହାତଛଡ଼ା ହୋଇଥିଲା। ରିଷଭ ପନ୍ତ ଏକ କଷ୍ଟକର ସୁଯୋଗ ହାତଛଡ଼ା କରିଥିଲେ। ସ୍ମିଥ୍ ସେତେବେଳେ ୧୨୧ ରନରେ ଥିଲେ। ସେହିପରି ହ୍ୟାରି ବ୍ରୁକଙ୍କ ଏକ କ୍ୟାଚ୍ ମଧ୍ୟ ହାତଛଡ଼ା ହୋଇଥିଲା। ରବିନ୍ଦ୍ର ଜାଡେଜାଙ୍କ ବଲରେ ଏକ କଟ୍ ସଟ୍ ଖେଳିଥିଲେ ଏବଂ ସ୍ପିଡରେ ବଲଟି ସ୍ଲିପରେ ଠିଆ ହୋଇଥିବା ଗିଲ୍ ପାଖକୁ ଯାଇଥିଲା କିନ୍ତୁ ସେ ଏହାକୁ ଧରିପାରି ନଥିଲେ। ବଲ୍ ତାଙ୍କ ମୁଣ୍ଡରେ ବାଜିଥିଲା। ସେତେବେଳେ ବ୍ରୁକ୍ ୬୩ ରନରେ ବ୍ୟାଟିଂ କରୁଥିଲେ। ଭାରତର କେବଳ ଫିଲ୍ଡିଂ ନୁହେଁ ବୋଲିଂରେ ନିରନ୍ତରତାର ଅଭାବ ଦେଖା ଦେଇଥିଲା। ଭାରତୀୟ ବୋଲରମାନେ ମାତ୍ର ୪୦ ଓଭରରେ ୧୦ଟି ନୋ-ବଲ୍ ପକାଇଥିଲେ। ଭାରତର ଏଭଳି ପ୍ରଦର୍ଶନ କୋଚ୍ ଗୌତମ ଗମ୍ଭୀର ଏବଂ ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲଙ୍କ ଚିନ୍ତା ବଢାଇପାରେ।

# ବିସିସିଆଇ ନିୟମ ଭାଙ୍ଗିଲେ ଟିମ୍ ଇଣ୍ଡିଆର ବେଷ୍ଟ ଅଲ୍‌ରାଉଣ୍ଡର

**ନୂଆଦିଲ୍ଲୀ**

ଏଜବାଷ୍ଟନ ଟେଷ୍ଟର ପ୍ରଥମ ଇନିଂସରେ ଚମତ୍କାର ଅର୍ଦ୍ଧଶତକ ଖେଳିଛନ୍ତି ନମ୍ବର ୱାନ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡ଼େଜା। ତଥାପି ରବିନ୍ଦ୍ର ଜାଡେଜା ଏକ ବଡ଼ ଭୁଲ କରି ବସିଛନ୍ତି। ଏଥିପାଇଁ ସେ ବଡ଼ ଦଣ୍ଡ ବି ଭୋଗିପାରନ୍ତି ବୋଲି ଚର୍ଚ୍ଚା ହେଉଛି। କାରଣ ସେ କୁଆଡ଼େ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ନିୟମ ଭାଙ୍ଗିଛନ୍ତି। କହିବାକୁ ଗଲେ ବିସିସିଆଇ ତା'ର ନିୟମ ପ୍ରତି ବହୁତ କଠୋର। ସମସ୍ତ ଖେଳାଳିଙ୍କୁ ଏହି ନିୟମ ପାଳନ କରିବାକୁ କଠୋର ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଖେଳାଳି ଏହି ନିୟମ ଭାଙ୍ଗିଥାଏ, ତେବେ ତାଙ୍କୁ କଠୋର ଦଣ୍ଡ ମଧ୍ୟ ମିଳିଥାଏ। ଏହା ସତ୍ତ୍ୱେ, ରବିନ୍ଦ୍ର ଜାଡ଼େଜା ବୋର୍ଡର ଏକ ନିୟମ ଭାଙ୍ଗି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଏବେ ତାଙ୍କୁ ଦଣ୍ଡ ମିଳିବ କି ନାହିଁ ତାହା ବୋର୍ଡ ଉପରେ ନିର୍ଭର କରେ।

ଅଷ୍ଟ୍ରେଲିଆ ଗସ୍ତ ପରେ, ବିସିସିଆଇ ଏକ ନୂତନ ନିୟମ କରିଥିଲା। ଏହା ଅନୁଯାୟୀ, କୌଣସି ଖେଳାଳି ଏକା ଷ୍ଟାଡିୟମକୁ ଯିବେ ନାହିଁ କିମ୍ବା ଆସିବେ ନାହିଁ। ସମସ୍ତେ ଦଳ ବସ୍‌ରେ ଏକାଠି ଯାତ୍ରା କରିବେ, କିନ୍ତୁ ଜାଡ଼େଜା ଏଜବାଷ୍ଟନ୍ ଟେଷ୍ଟ ସମୟରେ ଏହି ନିୟମ ଭାଙ୍ଗିଥିଲେ। ଏହି ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ, ରବିନ୍ଦ୍ର ଜାଡ଼େଜା ଦଳୀୟ ବସ୍ ଛାଡ଼ି ହୋଟେଲ୍‌ରୁ ଷ୍ଟାଡିୟମ୍ ଅଭିମୁଖେ ବାହାରି ଯାଇଥିଲେ। ବସ୍‌ରେ ତାଙ୍କୁ ଦେଖାଯାଇ ନଥିବାରୁ ସମସ୍ତେ ଏହା ଜାଣିପାରିଲେ।




ତଥାପି, ଦଳର ଲାଭ ପାଇଁ ଜାଡ଼େଜା ଏହି ନିୟମ ଭାଙ୍ଗିଥିଲେ। ଏଜବାଷ୍ଟନ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଅଧିନାୟକ ଶୁଭମନ ଗିଲ୍ ଓ ରବିନ୍ଦ୍ର ଜାଡ଼େଜା ବହୁତ ଭଲ ବ୍ୟାଟିଂ କରିଥିଲେ। ପ୍ରଥମ ଦିନରେ ରବିନ୍ଦ୍ର ଜାଡେଜା ୪୧ ରନ୍ କରି ଅପରାଜିତ ରହିଥିଲେ। ସେ ତାଙ୍କ ଇନିଂସକୁ ଲମ୍ବା କରିବାକୁ ଚାହୁଁଥିଲେ, କାରଣ ଲିଡ୍ସରେ ପରାଜୟ ପରେ ଅନେକ କ୍ରିକେଟ୍ ବିଶେଷଜ୍ଞ ଦଳରେ ତାଙ୍କ ସ୍ଥାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହି କାରଣରୁ ଜାଡ଼େଜା ଦ୍ୱିତୀୟ ଦିନ ସକାଳେ ଏକା ଷ୍ଟାଡିୟମରେ ପହଞ୍ଚିଥିଲେ। ସେ ସ୍ଥାନୀୟ ବୋଲରମାନଙ୍କ ସହିତ ନେଟ୍ସରେ ପ୍ରାୟ ୪୦ ମିନିଟ୍ ବ୍ୟାଟିଂ ଅଭ୍ୟାସ କରିଥିଲେ। ମ୍ୟାଚ୍ ସମୟରେ ଏହାର ଏକ ଝଲକ ଦେଖିବାକୁ ମିଳିଥିଲା। ଜାଡେଜା ପ୍ରଥମ ଇନିଂସରେ ୧୦ ଚୌକା ଏବଂ ୧ ଛକା ସହାୟତାରେ ୧୩୭ ବଲ୍‌ରେ ୮୯ ରନ୍‌ର ଇନିଂସ ଖେଳିଥିଲେ। ଏହି ସମୟରେ, ସେ ଅଧିନାୟକ ଶୁଭମନ ଗିଲ୍‌ଙ୍କ ସହିତ ଷଷ୍ଠ ୱିକେଟ୍ ପାଇଁ ୨୦୩ ରନ୍‌ର ଭାଗୀଦାରି କରି ଦଳକୁ ଏକ ଦୃଢ଼ ସ୍କୋରରେ ପହଞ୍ଚାଇଥିଲେ।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପର୍ଶୁରାମ ବେଶ



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସାବୁଳିୟା ଗୁଣ୍ଡିଚା ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ମାନବୀୟ ୯ଦିନ ଧରି ଲୀଳା ଚାଲୁ ରହିଛି। ରଥଯାତ୍ରା ଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଗୁଣ୍ଡିଚା ମନ୍ଦିରରେ ବିଭିନ୍ନ ଦିନ ଭିନ୍ନ ଭିନ୍ନ ବେଶ ପରିପାଟିରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ବୁଧବାର ଦିନ ପର୍ଶୁରାମ ଅବତାରରେ ଶ୍ରୀଜଗନ୍ନାଥ ଦର୍ଶନ ଦେଇଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁ ଆତ୍ମ ବିଭୋର ହେବା ସହ ଏକାକାର ହୋଇଯାଇଥିବା ଲକ୍ଷ୍ୟ କରଯାଇଥିଲା। ତତ୍ ସହିତ ଗୁଣ୍ଡିଚା ମନ୍ଦିରର ଚତୁଃପାର୍ଶ୍ୱ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ସହ ବିଭିନ୍ନ ମିଷ୍ଟାନ୍ନ ଦୋକାନ ଖୋଲା ରହିଛି। ଏଥି ସହିତ ପ୍ରତ୍ୟହ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତା ସାଙ୍ଗକୁ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନର ଭୋଗରାଗ କରାଯାଉଛି।

# ମଣିପାଲ ହସ୍ପିଟାଲ ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଆରମ୍ଭ କରାଯାଇଛି ଏକ ଜନ ସଚେତନତା ଅଭିଯାନ। ଯାହାର ଲକ୍ଷ୍ୟ ହେଉଛି ସାଧାରଣ ଲୋକଙ୍କୁ କ୍ରିଟିକାଲ କେୟାର ଏବଂ ଜରୁରୀ କାଳୀନ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଜୀବନର ସେହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଯେତେବେଳେ ପ୍ରତିଟି ସେକେଣ୍ଡ ବେଶ ଗୁରୁତ୍ୱପୂର୍ଣ୍ଣ ସେତେବେଳେ ମଣିପାଲ ହସ୍ପିଟାଲର ଜରୁରୀ କାଳୀନ ବିଭାଗ ଏବଂ କ୍ରିଟିକାଲ କେୟାର ବିଭାଗରେ କିଭଳି ଚିକିତ୍ସା ପ୍ରଦାନ କରାଯାଏ ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ। ଏହି ଅଭିଯାନରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ଡାଇରେକ୍ଟ ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ଉପସ୍ଥିତିରେ, ମଣିପାଲ ହସ୍ପିଟାଲର ବରିଷ୍ଠ ଛାତିରୋଗ ବିଶେଷଜ୍ଞ ତଥା କ୍ରିଟିକାଲ କେୟାର ବିଭାଗର ଡାଇରେକ୍ଟର ଡାକ୍ତର ଶରତ କୁମାର ବେହେରା, କ୍ରିଟିକାଲ କେୟାର ବିଭାଗର ଡାକ୍ତର ଅଭିଜିତ୍ ଦାଶ, ଡାକ୍ତର ରୂପାଲି ପଟ୍ଟନାୟକ ଏବଂ ଜରୁରୀକାଳୀନ ବିଭାଗର ମୁଖ୍ୟ ଡାକ୍ତର ଅଭିଷେକ ଚାଟାର୍ଜିଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଛି।

# ଟାଟା ଷ୍ଟିଲ ତରଫରୁ ବନ ମହୋତ୍ସବ ପାଳିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**




'ବନ ମହୋତ୍ସବ' ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ୍, ଟାଟା ଷ୍ଟିଲ କଳିଙ୍ଗନଗରର ଲଜିଷ୍ଟିକ୍ସ ଅପରେସନ୍ସ ଏବଂ ପରିବେଶ ବିଭାଗ ସହ ମିଶି ବ୍ରାହ୍ମଣୀ ନଦୀ କୂଳରେ ଏକ ବିଶାଳ ଚାରା ରୋପଣ ଏବଂ ନଦୀ କୂଳ ସଫେଇ ଅଭିଯାନ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କଳିଙ୍ଗନଗର ସ୍ଥିତ ବ୍ରାହ୍ମଣୀ ନଦୀ କୂଳ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଟାଟା ଷ୍ଟିଲ କଳିଙ୍ଗନଗରର ବିଭିନ୍ନ ବିଭାଗରୁ ଆସିଥିବା ୭୦ରୁ ଅଧିକ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ଅଂଶଗ୍ରହଣ କରି ୩୦୦ ଚାରା ରୋପଣ କରିଥିଲେ। ଏହି ଅଭିଯାନରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସବୁଜବଳୟ ବୃଦ୍ଧି କରିବା, ମୃତ୍ତିକା କ୍ଷୟ ରୋକିବା ଏବଂ ସ୍ଥାନୀୟ ଜୈବବିବିଧତାକୁ ସମର୍ଥନ କରିବା। ଚାରା ରୋପଣ ସହିତ, ପ୍ଲାଷ୍ଟିକ୍ ବର୍ଜ୍ୟ ପଦାର୍ଥ ପରିଷ୍କାର ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା। ଯାହାଦ୍ୱାରା ପ୍ରଦୂଷଣ ହ୍ରାସ ପାଇବା ସହ ନଦୀ ପରିବେଶର ପ୍ରାକୃତିକ ସଂଗଠନ ପୁନଃସ୍ଥାପିତ ହେବାରେ ସହାୟକ ହେବ। ଏହି 'ବନ ମହୋତ୍ସବ' ଉତ୍ସବ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶ ସଂରକ୍ଷଣ ଏବଂ ସାମୂହିକ ଦାୟିତ୍ୱକୁ ଦର୍ଶାଉଛି।

# ନିଲାମ ହେବ ମରେଙ୍କ ୱିମ୍ବଲଡନ୍ ଫାଇନାଲ୍ ଜର୍ସି

**ଲଣ୍ଡନ**

୨୦୧୩ ୱିମ୍ବଲଡନ୍ ବିଜୟ ବେଳେ ଇଂଲଣ୍ଡ ଟେନିସ୍ ତାରକା ଆଣ୍ଡି ମରେ ପିନ୍ଧିଥିବା ସାର୍ଟ ଭାଗ୍ୟବାନ ପ୍ରଶଂସକଙ୍କ ପାଖରେ ଖୁବ୍‌ଶୀଘ୍ର ଦେଖିବାକୁ ମିଳିବ। ୩୮ ବର୍ଷୀୟ ମରେ ୱିମ୍ବଲଡନ୍‌ରେ ୩ ଥର ବିଜେତା ହୋଇଛନ୍ତି। ହେଲେ ୨୦୧୩ ଫାଇନାଲ୍ ତାଙ୍କ ପାଇଁ ସବୁଠୁ ସ୍ମରଣୀୟ ହୋଇରହିବ। ଏହି ଫାଇନାଲ୍‌ରେ ସେ ନୋଭାକ ଜୋକୋଭିକ୍‌ଙ୍କୁ ପରାସ୍ତ କରି ୭୭ ବର୍ଷ ପରେ ଗ୍ରାସ୍‌କୋର୍ଟରେ ବ୍ରିଟେନ୍‌ର ପ୍ରଥମ ପୁରୁଷ ଖେଳାଳି ଭାବେ ବିଜେତା ହେବାର ଗୌରବ ଅର୍ଜନ କରିଥିଲେ। ଉକ୍ତ ମ୍ୟାଚ୍‌ରେ ପିନ୍ଧିଥିବା ୩ଟି ଆଦିଦାସ ସାର୍ଟ ମଧ୍ୟରୁ ଗୋଟିଏକୁ ଏଜ୍ ଅଫ୍ ଟେନିସ ସହ ମିଶି ଗ୍ରାହାମ ବଡ୍ ଅକ୍‌ସନ୍ ଜୁଲାଇ ୧୩ରେ ନିଲାମ କରିବ। ମରେଙ୍କ ସ୍ୱାକ୍ଷର ଥିବା ଏହି ସାର୍ଟର ନିଲାମ ମୂଲ୍ୟ ୮୦୦୦ ପାଉଣ୍ଡ (ଭାରତୀୟ ମୁଦ୍ରାରେ ପ୍ରାୟ ୯,୩୨,୦୦୦ ଟଙ୍କା) ରହିଛି। ଏଥସହ ତାଙ୍କ କ୍ୟାପ୍‌ର ନିଲାମ ମୂଲ୍ୟ ୩୫୦୦ ପାଉଣ୍ଡ (୪,୦୮,୦୦୦ ଟଙ୍କା) ରଖାଯାଇଛି। ମରେଙ୍କ ସାର୍ଟ ଓ କ୍ୟାପ୍ ସହ ୨୦୧୦ରେ ଜନ୍ ଇଜ୍‌ନର ଓ ନିକୋଲାସ ମାହୁତଙ୍କ ମଧ୍ୟରେ ହୋଇଥିବା ସବୁଠୁ ଦୀର୍ଘତମ ମ୍ୟାଚ୍‌ର ନେଟ୍ ମଧ୍ୟ ନିଲାମ ହେବ। ଏହି ମ୍ୟାଚ୍ ୩ ଦିନରେ ୧୧ ଘଣ୍ଟା ୫ ମିନିଟ୍ ଖେଳାଯାଇଥିଲା। ୩ ତାରକା ଖେଳାଳି ରାଫେଲ ନାଦାଲ, ରୋଜର ଫେଡ଼େରର, ଜୋକୋଭିକ୍ ଓ ମରେଙ୍କ ଅଟୋଗ୍ରାଫ୍ ଥିବା ୱିମ୍ବଲଡନ୍ ବଲ୍ ମଧ୍ୟ ୩୦୦ରୁ ୫୦୦ ପାଉଣ୍ଡ (୪୦ରୁ ୬୦ ହଜାର ଟଙ୍କା)ରେ ନିଲାମ ହେବ।

# ମାଉସୀ ମା' ମନ୍ଦିରରେ ସାଂସ୍କୃତିକ ବିଚିତ୍ରା

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚାରବାଟିଆ କେଦାରେଶ୍ୱରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ପରଠାରୁ ମାଉସୀମା ମନ୍ଦିର ପରିସର ଚଳଚଞ୍ଚଳ ହୋଇ ଉଠିଛି । ମହାପ୍ରଭୁଙ୍କ ଘୋଷଯାତ୍ରା ଠାରୁ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ତିନିରଥ ଗୁଣ୍ଡିଚା ବିହାର ସ୍ଥିତ ମାଉସୀମା ମନ୍ଦିରରେ ପହଞ୍ଚିବା ପରଠାରୁ ମନ୍ଦିର ସମ୍ମୁଖ ଆଧାତ୍ମିକ ମଞ୍ଚରେ ପ୍ରତ୍ୟହ ସନ୍ଧ୍ୟାରେ ଓଡ଼ିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପି ଓ କଳାକାରମାନଙ୍କ ଦ୍ୱାରା ଭଜନ, ଜଣାଣ, ପ୍ରାର୍ଥନା, ପ୍ରବଚନ, ନୃତ୍ୟ ବିଚିତ୍ରା , ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ଆଦି ନାନାବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଅଛି । ଆସନ୍ତା ୮ତାରିଖ ଶ୍ରୀଜୀୟୁଙ୍କ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରକାଶ କରିଛନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟ ଓ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟବୃନ୍ଦ ସମସ୍ତ କାର୍ଯ୍ୟ ପରିଚାଳନା କରୁଥିବା ବେଳେ ଶହଶହ ସଂଖ୍ୟାର ଶ୍ରଦ୍ଧାଳୁ ଭକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତ ।



# ସେପ୍ଟେମ୍ବର ସୁଦ୍ଧା ଗଞ୍ଜାମ ହାଟ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ବିଏମ୍‌ସି କମିଶନର ତଥା ବିଡ଼ିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଦାୟିତ୍ୱ ଗ୍ରହଣ କରି ବିଡ଼ିଏର କାର୍ଯ୍ୟ ଉପରେ ସମୀକ୍ଷା କରିଛନ୍ତି। ବିଡ଼ିଏ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ୫ ବର୍ଷ ଧରି କର୍ପୋରେସନ୍ ରୋଡ୍‌ରେ ଚାଲିଥିବା ଗଞ୍ଜାମ ରୋଡ୍‌ରେ ଚାଲିଥିବା ଗଞ୍ଜାମ ହାଟର କାର୍ଯ୍ୟ ଉପରେ ସମୀକ୍ଷା କରିବା ସହ ଧିମା କାର୍ଯ୍ୟଧାରାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଆସନ୍ତା ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟ ଯେଭଳି ସମୟସୀମା ଭିତରେ ସରିବ ସେ ନେଇ ବିଡ଼ିଏ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁରୁଣା ବସ୍‌ଷ୍ଟାଣ୍ଡ ଠାରେ ଚାଲିଥିବା ବହୁତଳ କୋଠା ବିଶିଷ୍ଟ ପାର୍କିଂସେଡ୍ ବୁଲି ଦେଖିବା ସହ ଏହାକୁ ମଧ୍ୟ ସେପଟେମ୍ବର ସୁଦ୍ଧା ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆମ୍ବପୁଆ ରକ୍ ଗାର୍ଡ଼େନକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ପରିଚାଳନା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ରକ୍ ଗାର୍ଡ଼େନ୍ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ଦେଖି ବିରକ୍ତି ପ୍ରକାଶ କରିବା ସହ ଏଥିରେ ସୁଧାର ଆଣିବାକୁ ପରାମର୍ଶ ଦେଇଥିଲେ। ରକ୍ ଗାର୍ଡ଼େନ୍ ପରିସରକୁ ସଫାସୁତୁରା ରଖିବା, ଖୋଲା ସ୍ଥାନରେ ବ୍ୟାରିକେଡ୍ ଲଗାଇବା, ମୋଟର ସାଇକେଲ୍ ପାର୍କିଂ ସହ ଖୋଲାସ୍ଥାନରେ କିଡ୍‌ସ ଜୋନ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ସେଠାରୁ ବିବେକବିହାର ଯାଇ ହେବାକୁଥିବା ମଲ୍ଟି ଷ୍ଟୋରେଜ୍ ମାର୍କେଟିଂ କମ୍ପ୍ଲେକ୍ସ ସ୍ଥାନ ଦେଖି ଏହାର ନକ୍ସା ପ୍ରସ୍ତୁତ କରିବାପାଇଁ କହିଥିଲେ। ବିବେକବିହାର ପରିସରରେ ଖାଲିଥିବା ସ୍ଥାନଗୁଡ଼ିକରେ ଗୃହ ନିର୍ମାଣ ପ୍ରସ୍ତାବକୁ ଅଗ୍ରଗତି କରିବାପାଇଁ ପଦକ୍ଷେପ ନେବାକୁ ବିଡ଼ିଏ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଡ଼ିଏ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟର ସମୀକ୍ଷା କରିବା ସହ ସମୟସୀମା ଭିତରେ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ମିଶନ୍ ଶକ୍ତି ବଜାର କାର୍ଯ୍ୟ ଦେଖି ତୁରନ୍ତ କାର୍ଯ୍ୟ ସାରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡ଼ିଏ ଉପାଧ୍ୟକ୍ଷଙ୍କ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା ବେଳେ ବିଡ଼ିଏ ସଚିବ ଉମେଶ ହାଂସଦା, ପ୍ଲାନିଂ ମେମ୍ବର ଇଂ. ମନୋଜ ପାତ୍ର, ବିଡ଼ିଏ ନିର୍ବାହୀ ଯନ୍ତ୍ରୀ ଅକମିତ୍ କୁମାରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ଜୁଲାଇ ୨୦୨୫ ଶନିବାର





# ବରଯାତ୍ରୀ ପ୍ରସେସନ ବେଳେ ବଡ଼ ଅଘଟଣ
# ଡିଜେ ଗାଡ଼ିରେ କରେଣ୍ଟ ଲାଗି ଜଣେ ମୃତ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ବାହାଘର ବରଯାତ୍ରୀ ପ୍ରୋସେସନବେଳେ ବଡ଼ ଅଘଟଣ। ବରଯାତ୍ରୀ ଡିଜେ ଗାଡ଼ିରେ ଲାଗିଲା ୧୧ କେଭି ବିଦ୍ୟୁତ ତାର। ଫଳରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା ତୁମୁସିଂହା ଥାନା କଦଳୀପାଳ ଗ୍ରାମରେ।

ସୂଚନା ଅନୁଯାୟୀ, ଢେଙ୍କାନାଳ ସହର ଗୁଡ଼ିଆନାଳୀରୁ ଏକ ବିବାହ ପ୍ରସେସନ ତୁମୁସିଂହା ଥାନା ଅନ୍ତର୍ଗତ କଦଳୀପାଳ କନ୍ଧସାହି ଝିଅ ଘରକୁ ଯାଉଥିଲା। ହେଲେ କଦଳୀପାଳଠାରେ ରାସ୍ତା ପାର୍ଶ୍ୱରେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ ତାର ଡିଜେ ଗାଡ଼ିରେ ଲାଗିଯାଇଥିଲା। ଫଳରେ ଡିଜେ ଗାଡ଼ି ବିଦ୍ୟୁତ କରେଣ୍ଟରେ ଚାର୍ଜ ହୋଇଯାଇଥିଲା। ଏମିତିରେ ଡିଜେ ଗାଡ଼ି ଉପରେ ନାଚୁଥିବା ବରଯାତ୍ରୀ କିଛି ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ସ୍ଥାନୀୟ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିଲା। ହେଲେ ଢେଙ୍କାନାଳ ଡାକ୍ତର ଖାନାରେ ମଣ୍ଟୁ ପଲେଇ ନାମକ ଜଣେ ଯୁବକର ମୃତ୍ୟୁ ଘଟିଛି। ଘଟଣା ପରେ ତୁମୁସିଂହା ଥାନା ପୁଲିସ ଡିଜେ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ୮୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ମହୁଲ ଓ ମହୁଲି ମଦ ଜବତ : ୪ ଗିରଫ

**ପାଟଣା, ନ୍ୟୁଜ୍ ବ୍ୟୁରୋ**



କେନ୍ଦୁଝର ଓ ପାଟଣା ଅଞ୍ଚଳରେ ଶୁକ୍ରବାର ଅବକାରୀ ବିଭାଗ ଚଢ଼ଉ ସମୟରେ ୮୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ମହୁଲ ଓ ମହୁଲି ମଦ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଜିଲ୍ଲା ଅବକାରୀ ବିଭାଗ ଓ ରାଜ୍ୟ ଫ୍ଲାଇଂ ସ୍କ୍ୱାର୍ଡ଼ର ମିଳିତ ଚଢ଼ଉ ସମୟରେ ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଗ୍ରାମର ଅଧିକାରୀ ସାହୁଙ୍କ ଘରେ ଚଢ଼ଉ କରି ମହଜୁଦ ଥିବା ୧୪ କ୍ୱିଣ୍ଟାଲ ଚୋରା ମହୁଲ ଜବଦ କରାଯାଇଛି। ଯାହାର ଅନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହେବ। ଏହା ସହ କେନ୍ଦୁଝର ସହରର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ଅନୁମାନିକ ୧୫ ହଜାର ଟଙ୍କାର ମହୁଲି ମଦ ମଧ୍ୟ ଜବତ କରାଯାଇଛି। ଏପରି ସମୁଦାୟ ପାଖାପାଖି ୮୫ ହଜାର ଟଙ୍କାର ମହୁଲ ଓ ମହୁଲି ମଦ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଅବକାରୀ ନିରୀକ୍ଷକ ଗିରିଜା ନନ୍ଦନ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପୂର୍ବତଟ ରେଳପଥ ଦ୍ୱାରା ରେକର୍ଡ ସମୟରେ ଦ୍ରୁତ ପୁନରୁଦ୍ଧାର କାର୍ଯ୍ୟ

# ଭୂସ୍ଖଳନର ଦୁଇ ଦିନ ମଧ୍ୟରେ କୋରାପୁଟ-ଜୟପୁର ରେଳ ସେକ୍ସନରେ ଟ୍ରେନ୍ ସେବା ପୁନଃ ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥ ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ କୋରାପୁଟ-କିରାଣ୍ଡୁଲ ରେଳ ମାର୍ଗରେ ଜରାତି ଏବଂ ମାଲିଗୁଡ଼ା ଷ୍ଟେସନ ମଧ୍ୟରେ ୨୦୨୫ ଜୁଲାଇ ୨ ତାରିଖରେ ଅନବରତ ବର୍ଷା ଯୋଗୁଁ ଏକ ବଡ଼ ଭୂସ୍ଖଳନ ଦ୍ୱାରା ରେଳ ସେକ୍ସନକୁ ବାଧାପ୍ରାପ୍ତ କରିବାର ମାତ୍ର ଦୁଇ ଦିନ ମଧ୍ୟରେ ପୁନରୁଦ୍ଧାର କାର୍ଯ୍ୟ ସଫଳତାର ସହ ସମାପ୍ତ କରାଯାଇଅଛି।

ଭୂସ୍ଖଳନ କୋରାପୁଟ ଏବଂ କିରାଣ୍ଡୁଲ ମଧ୍ୟରେ ଟ୍ରେନ୍ ଚଳାଚଳକୁ ଗୁରୁତର ଭାବରେ ପ୍ରଭାବିତ କରିଥିଲା, କାରଣ ଟ୍ରାକର ଏକ ବଡ଼ ଅଂଶ ପ୍ରାୟ ୨୫,୦୦୦ ଘନ ମିଟର କାଦୁଅ ଏବଂ ପଥର ତଳେ ଦବି ଯାଇଥିଲା। ପାହାଡ଼ି ଭୂଭାଗ ଏବଂ ନିରନ୍ତର ବର୍ଷାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ପୁନରୁଦ୍ଧାର ଦଳଗୁଡ଼ିକ ଦ୍ରୁତ ଯୋଜନା ଏବଂ ସମ୍ବଳ ସଂଗ୍ରହ ସହିତ ତୁରନ୍ତ କାର୍ଯ୍ୟ ଆରମ୍ଭ କରିଥିଲେ।

ଘଟଣାସ୍ଥଳରେ ମୋଟ ୧୬ ଟି ଏକ୍ସକାଭେଟର ଏବଂ ଭାରୀ ମାଟି ଘୁଞ୍ଚାଇବା ଉପକରଣ ନିୟୋଜିତ କରାଯାଇଥିଲା। ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଞ୍ଜିନିୟର, ବୈଷୟିକ କର୍ମଚାରୀ ଏବଂ ପୁନରୁଦ୍ଧାର କର୍ମଚାରୀଙ୍କ ସମେତ ୩୦୦ ରୁ ଅଧିକ କର୍ମଚାରୀ ଦିନରାତି କାର୍ଯ୍ୟ କରିଥିଲେ। ୱାଲଟିୟର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ, ରାୟଗଡ଼ାର ମଣ୍ଡଳ ରେଳବାଇ ପ୍ରବନ୍ଧକ, ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ଅନ୍ୟାନ୍ୟ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ବ୍ୟକ୍ତିଗତ ଭାବରେ ଏହି ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ ଯାହାଦ୍ୱାରା ସୁଗମ ଏବଂ ଦ୍ରୁତ ଗତିରେ ପୁନରୁଦ୍ଧାର କାର୍ଯ୍ୟ ଆଗକୁ ବଢ଼ିବା ନିଶ୍ଚିତ କରିଥିଲା।

ମାତ୍ର ଦୁଇ ଦିନ ମଧ୍ୟରେ, ପ୍ରମୁଖ ଭଗ୍ନାବଶେଷ ସଫା କରାଯାଇଥିଲା ଏବଂ ପ୍ରଭାବିତ ଟ୍ରାକ୍ ୪ ଜୁଲାଇ ୨୦୨୫ ଦିନ ସନ୍ଧ୍ୟା ସମୟରେ ଟ୍ରେନ ଚଳାଚଳ ପାଇଁ ସ୍ୱୀକୃତି ଦିଆଯାଇଅଛି। ନିରାପତ୍ତା ବ୍ୟବସ୍ଥା ଭାବରେ, ପ୍ରଭାବିତ ସ୍ଥାନରେ ପ୍ରତିବନ୍ଧିତ ବେଗରେ ଟ୍ରେନ ଚଳାଚଳକୁ ଅନୁମତି ଦିଆଯାଇଛି। ଓଭରହେଡ୍ ଇକ୍ୟୁପମେଣ୍ଟ (ଓଏଚଇ), ସିଗ୍ନାଲିଂ ଏବଂ ଅନ୍ୟାନ୍ୟ ନିରାପତ୍ତା ବ୍ୟବସ୍ଥା ସହିତ ଜଡ଼ିତ କାର୍ଯ୍ୟ ଗୁଡ଼ିକର ସ୍ୱୀକୃତି ମିଳିବ ପରେ ଟ୍ରେନ ଚଳାଚଳ ଖୁବ୍ ଶୀଘ୍ର କରାଯିବ।



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରମେଶ୍ୱର ଫୁଙ୍କୱାଲ କର୍ମଚାରୀଙ୍କ ଅସାଧାରଣ ପ୍ରୟାସ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ଏହି ଦ୍ରୁତ ପୁନରୁଦ୍ଧାର କାର୍ଯ୍ୟ ପ୍ରତିକୂଳ ପାଗ ଏବଂ କଠିନ ଭୌଗୋଳିକ ପରିସ୍ଥିତି ସତ୍ତ୍ୱେ ମଧ୍ୟ ସମର୍ପଣ, ସମନ୍ୱୟ ଏବଂ ଦକ୍ଷତାର ଏକ ଉଜ୍ଜ୍ୱଳ ଉଦାହରଣ ଅଟେ ବୋଲି ଶ୍ରୀ ଫୁଙ୍କୱାଲ କହିଛନ୍ତି। ମହାପ୍ରବନ୍ଧକ ମଧ୍ୟ ସମଗ୍ର ପୁନରୁଦ୍ଧାର ଦଳକୁ ସେମାନଙ୍କର ପ୍ରତିବଦ୍ଧତା ଏବଂ କାର୍ଯ୍ୟଦକ୍ଷତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

ଏହି ଉଲ୍ଲେଖନୀୟ ସଫଳତା କେବଳ ଯାତ୍ରୀ ଏବଂ ମାଲ ପରିବହନ ପାଇଁ ସ୍ୱାଭାବିକତା ଫେରାଇ ଆଣେ ନାହିଁ ବରଂ ସାଧାରଣ ସେବା ଏବଂ ପରିଚାଳନାଗତ ଉତ୍କର୍ଷତା ପ୍ରତି ଭାରତୀୟ ରେଳବାଇର ଅଟଳ ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ଼ କରୁଅଛି। ସିଗନାଲିଂ ଏବଂ ଓଭରହେଡ୍ ଇକ୍ୟୁପମେଣ୍ଟ ସମ୍ବନ୍ଧୀୟ ପୁନରୁଦ୍ଧାର କାର୍ଯ୍ୟ ସମାପ୍ତ ହେବା ପରେ ଟ୍ରେନ୍ ସେବା ପୁନର୍ବାର ଆରମ୍ଭ ହେବ। ତଥାପି ରେକ୍ ଆଡଜଷ୍ଟମେଣ୍ଟ ଏବଂ କୋଚିଂ ରେକ୍‌ର ଅସ୍ଥାୟୀ ଅନୁପଲବ୍ଧତା ଯୋଗୁଁ କିଛି ଟ୍ରେନ୍ ଗୁଡ଼ିକର ଉତ୍ପତ୍ତି ଓ ଗନ୍ତବ୍ୟ ସ୍ଥଳ କୋରାପୁଟ ପର୍ଯ୍ୟନ୍ତ କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କ ଯାତ୍ରା ଯୋଜନା କରିବା ପୂର୍ବରୁ ସରକାରୀ ରେଳ ଚ୍ୟାନେଲ ମାଧ୍ୟମରେ ସର୍ବଶେଷ ଅପଡେଟ୍ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

# ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ଜମି ଅଧିଗ୍ରହଣ କ୍ଷତିପୂରଣ ରାଶି ବଣ୍ଟନ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ପକ୍ଷରୁ ରେଳ ପ୍ରକଳ୍ପ କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ ତ୍ୱରାନିତ କରାଯାଇଛି। ଆଜି ମାଥିଲି ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ନିମନ୍ତେ ଜମି ଅଧିଗ୍ରହଣ ହୋଇଥିବା ହିତାଧିକାରୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଲୋକସଭା ସାଂସଦ ଇଂ. ବଳଭଦ୍ର ମାଝୀ ଉପସ୍ଥିତ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ରଙ୍କ ସମେତ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମାଥିଲି ତହସିଲଦାର ମାନସୀ ଭୋଇ, ଖଇରପୁଟ ତହସିଲଦାର ପି. ମନସ୍ମିତା ଏବଂ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରା ଉପସ୍ଥିତ ଥିଲେ।

ରେଳ ପଥ ସ୍ଥାପନ ହେବା ଦ୍ୱାରା ଜିଲ୍ଲାରେ ଆହୁରି ବିକାଶ ହେବା ସଙ୍ଗେ ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହେବାକୁ ଯାଉଛି। ଏହା ଏହି ଅଞ୍ଚଳର ଲୋକ ଓ ବିଶେଷ ଭାବେ ଜନଜାତିଙ୍କ ପାଇଁ ଅପୂର୍ବ ସମ୍ଭାର ନେଇ ଆସିବ। ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ରେଳ ପଥ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସାଂସଦ ମତବ୍ୟକ୍ତ କରିଛନ୍ତି। ଏହି ପ୍ରକଳ୍ପ ବାବଦକୁ ପ୍ରଥମ ପର୍ଯ୍ୟାୟରେ ମାଥିଲିର ୩୫ ଜଣ ଓ ଖଇରପୁଟ ତହସିଲର ୪ ଜଣ ହିତାଧିକାରୀଙ୍କୁ ମୋଟ ୨ କୋଟି ୪୫ ଲକ୍ଷ ୫୫ ହଜାର ୩୧୯ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ମାଥିଲି ତହସିଲର ଧଉଡ଼ାଗୁଡ଼ା, ପୂଜାରିଗୁଡ଼ା କଟ୍ରିମାଝି ଗୁଡ଼ା ଓ ଖଇରପୁଟ ତହସିଲର ପାରୁଗୁଡ଼ାର ହିତାଧୀକାରୀ ରହିଛନ୍ତି। ସୂଚନା ଥାଉକି, ରେଳପଥ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଉକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ପର୍ଯ୍ୟାୟ କ୍ରମେ ଜମି ଅଧିଗ୍ରହଣ ହୋଇଥିବା ସମସ୍ତ ହିତାଧିକାରୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସ୍ୱାଗତ ଜଣାଇ ଥିବା ବେଳେ ଉପ ଜିଲ୍ଲାପାଳ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକ ଉପରେ ଗୁଳିକାଣ୍ଡ ଘଟଣା : ୬ ଗିରଫ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାଇଗଣବାଡିଆ ମଝିରେ ଗତ ୨୩ ତାରିଖ ଦିବାଲୋକରେ ହୋଇଥିବା ଛିନ୍‌ତାଇ ଉଦ୍ୟମରେ ୬ ଜଣ ଦୁର୍ବୃତ୍ତ ଗିରଫ ହୋଇଥିବା ଜଣାଯାଇଛି। ସୂଚନା ଯୋଗ୍ୟ ଯେ, ଏହି ଥାନା ଅଧୀନ କାମତା ଗ୍ରାମର ଶିବାନନ୍ଦ ବାରିକ (୩୦) ଏଠାରେ ଥିବା ବିଦେଶୀ ମଦ ଦୋକାନରେ ସେଲ୍ସ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ସେ ଉକ୍ତ ଦିନ ବାଙ୍ଗରିପୋଷୀ, ବୁଡାମରା ଓ କୁଳିଅଣାରୁ ୮ ଲକ୍ଷ ଟଙ୍କା ନେଇ ଜମା କରିବାକୁ ବାରିପଦା ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କର ପିଛାକରି ତାଙ୍କ ନିକଟରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡ଼ାଇ ବାକୁ ଉଦ୍ୟମ କରିଥିଲେ। କିନ୍ତୁ ସଫଳ ହୋଇ ନପାରିବାରୁ ତାଙ୍କ ଉପରକୁ ପାଞ୍ଚ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଫଳରେ ସେ ଗୁରୁତର ହୋଇ ବର୍ତ୍ତମାନ ଚିକିତ୍ସାଧୀନ ଥିବା ଜଣାଯାଇଛି। ପୋଲିସ ଉକ୍ତ ଘଟଣାକୁ ଗୁରୁତର ସହକାରେ ନେଇ ଛାନ୍‌ଭିନ୍ କରିଥିଲା। ଯାହା ଫଳରେ ପୋଲିସକୁ ସଫଳତା ସଫଳତା ମିଳିଥିଲା। ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ମାନୁଡିହା, ବସ୍ତା ଥାନା ଅଞ୍ଚଳର ଦେବେନ୍ଦ୍ର ଦାସ (୩୪), ମାନସ ଗିରି



(୧୯), ଗଞ୍ଜାମ ଜିଲ୍ଲା କାଞ୍ଚୁରୁ ଗ୍ରାମର ନାରାୟଣ ବେହେରା (୩୧), ମୟୂରଭଞ୍ଜ ଜିଲ୍ଲା ବସିଙ୍ଗି ଗ୍ରାମର ଦେବବ୍ରତ ସାହୁ (୨୬), ଅଞ୍ଜାମ ଜିଲ୍ଲା ଗୁଳାସାହି ଗ୍ରାମର ଦିଲ୍ଲୀପ କୁମାର ରାଓ (୫୫), ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ଶିବଶଙ୍କର ବାରିକ (୨୯)। ଏହି ୬ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଗଞ୍ଜାମ ଜିଲ୍ଲା ଡେଙ୍ଗାପଦରା ଗ୍ରାମର କୁନା ବାରିକ ଫେରାର ଥିବା ଜଣାଯାଇଛି। ଏହି ଘଟଣାକୁ ନେଇ ଶୁକ୍ରବାର ଅପରାହ୍ନରେ କୁଳିଅଣା ଥାନାରେ ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏଥିରେ ସଦର ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, କୁଳିଅଣା ଥାନା ଆଇଆଇସି ମଧୁମିତା ମହାନ୍ତି ଉପସ୍ଥିତ ଥିଲେ। ଦୁର୍ବୃତ୍ତମାନଙ୍କ ନିକଟରୁ ୨ଟି ବାଇକ୍ ଜବତ ହୋଇଥିବା ବେଳେ, ୬ଟି ମୋବାଇଲ, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଗୁଳି ଓ ୧୫ଟି ସିମ୍ କାର୍ଡ ଜବତ କରାଯାଇଛି। ଏ ନେଇ ୧୧୭/୨୫ ମୂଳେ ମାମଲା ରୁଜୁ ହୋଇଥିବାବେଳେ ସେମାନଙ୍କୁ ଡାକ୍ତରୀ ମଇନା କରିବାପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ୨ ଦିନିଆ କୋରାପୁଟ ଜିଲ୍ଲା ଗସ୍ତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୁଇ ଦିନିଆ କୋରାପୁଟ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଜୟପୁର ଠାରେ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦିଆଯାଇଛି। ଜୟପୁର ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସମ୍ମିଳନିରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ସୂଚନା ଦେଇଛନ୍ତି। କୋରାପୁଟ ଜିଲ୍ଲାକୁ ୨ ଦିନିଆ ଗସ୍ତ ରହିଛି। ୫ ତାରିଖ ସକାଳ ୬ଟାରେ ଦାମନଯୋଡି ନାଲ୍‌କୋ ଗେଷ୍ଟ ହାଉସରେ ପହଞ୍ଚିବେ। ଶାବର ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରାରେ ସାମିଲ ହୋଇ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ବିକାଶମୂଳକ କାର୍ଯ୍ୟର ଉଦଘାଟନ କରିବା ସହ ୪ଶହ ୮୦ କୋଟି ଟଙ୍କାର ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମିର ଭିତିପ୍ରସ୍ତର ସ୍ଥାପନ କରିବେ। ୬ ତାରିଖରେ ଜୟପୁର କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିପ୍ରସ୍ତର ଦେବା ସହ ନୂତନ ବିଦ୍ୟାଳୟକୁ ଉଦ୍‌ଘାଟନ କରିବେ। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହିବେ। କେନ୍ଦ୍ର ସରକାର ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଆକାଂକ୍ଷା ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ଏହି ଜିଲ୍ଲାକୁ ବିଭିନ୍ନ ଯୋଜନାରେ ଅନେକ ଅର୍ଥ ଆସୁଛି। ତେଣୁ କୋରାପୁଟରେ ସମୀକ୍ଷା କରିବେ। କାର୍ଯ୍ୟ ଗୁଡିକ ଅଧିକ କ୍ରିୟାଶୀଳ ସହ ତ୍ୱରିତ ବେଗରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହ ସରକାରି ଅର୍ଥ କିପରି ଠିକ ଭାବେ ରୁପାୟନ ହୋଇପାରିବ ସେ ନେଇ ସମିକ୍ଷା କରିବେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁ ରାମ ମାଛ, ନବରଙ୍ଗପୁର ବିଧାୟକ ଜିଲ୍ଲା ଗୌରୀ ଶଙ୍କର ମାଝୀ, ଜିଲ୍ଲା ସଭାପତି ଶିବ ମୁଦୁଲି, ଜୟପୁର ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ ଉପସ୍ଥିତ ରହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହାନଗର ନିଗମ...

ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ଆଣିବାକୁ ପଡ଼ିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ଆମ ସରକାର ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପୁରୀ ସହର ଏବଂ ଆଖପାଖ ଅବସ୍ଥିତ ଗ୍ରାମ ପଞ୍ଚାୟତକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ। ଏହା ଦ୍ୱାରା ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ସାତରୁ ଆଠଗୋଟି ଗ୍ରାମ ପଞ୍ଚାୟତକୁ ସାମିଲ କରାଯିବ, ଯାହା ଫଳରେ ଏହି ପଞ୍ଚାୟତବାସୀ ସହର ପରି ସୁବିଧା ପାଇ ପାରିବେ। ଶନିବାର ଠାରୁ ଏହ ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ। ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢି ତୋଳିବାକୁ ଆମ ସରକାର ବଦ୍ଧପରିକର । ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣା ବେକ୍ଷଣର ଅବଶ୍ୟକତା ରହିଛି। ୨୦୩୬ ସୁଦ୍ଧା ପୁରୀକୁ ଦେଶର ଏକ ମୁଖ୍ୟ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏକ ସୁନ୍ଦର, ସବୁଜ, ବିକଶିତ ପୁରୀ ସହର ବିନା ସମୃଦ୍ଧ ଓଡିଶାର ପରିକଳ୍ପନା ଅସମ୍ଭବ। ଆଜିର ଏହି ଘୋଷଣା ସରକାରଙ୍କ ଏହି ଭିଜନର ଏକ ଅଂଶ ବିଶେଷ।

## ଶାସକ ଦଳର ...

ସମ୍ମାନ ସହ ସାଲିସ ହେବା କଥା ନୁହେଁ । ମହିଳାମାନେ କର୍ମ କ୍ଷେତ୍ର ପାଇଁ ବାହାରକୁ ଆସୁଛନ୍ତି । ତାଙ୍କ ସୁରକ୍ଷା ସରକାରଙ୍କ ଦାୟିତ୍ୱ। ମୁଁ ବିଜୁ ଜନତା ଦଳର ମୁଖପାତ୍ର । ବାଲେଶ୍ୱର ସାଂସଦ ପାର୍ଥି ମଧ୍ୟ ଦଳ ଉଦ୍ଦେଶ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲି । ହାତୀ ଦାନ୍ତ କାରବାର, ବେଆଇନ ଜମି ଜବର ଦଖଲ ସନ୍ତୋଷ ଖଟୁଆ କରୁଥିବା ଅଭିଯୋଗ ଆଣି ସାମ୍ବାଦିକ ସମ୍ମିଳନୀ କରିଥିଲି । ହେଲେ ତଥ୍ୟ ପ୍ରମାଣ ଦେଇ ଏହାକୁ କାଉଣ୍ଟର ନ କରି ମୋ ବିଷୟରେ ଅଶାଳୀନ ଅସଭ୍ୟ ମନ୍ତବ୍ୟ ଦିଆଯାଉଛି । ଏହା ଦ୍ୱାରା ମୋତେ ମାନସିକ ଭାବେ ଆଘାତ ଲାଗିଛି । ମୋ ପରିବାର, ମୋ ବନ୍ଧୁ ପ୍ରିୟଜନଙ୍କ ଆଗରେ ମତେ ଛୋଟ କରିବାକୁ ଚେଷ୍ଟା କରିଛନ୍ତି । ଆଶା କରୁଛି ଆଇନ ଅନୁସାରେ ପୁଲିସ ପଦକ୍ଷେପ ନେବ ।

## ରଥଯାତ୍ରାରେ ଦଳାଚକଟା...

ଆଗକୁ ଆହୁରି ବି ଯିବି । ତଦନ୍ତକୁ ନେଇ ଏବେଠୁ କିଛି କହିବା ଅପରିପକ୍ୱ ହେବ ବୋଲି ସେ କହିଛନ୍ତି। ଯେଉଁମାନେ ପ୍ରତ୍ୟକ୍ଷ ଭାବେ ଭେଟି ତଥ୍ୟ ଦେବାକୁ ଚାହୁଁଥାନ୍ତି, ସେମାନେ ରାଜ୍ୟ ଅତିଥି ଭବନ ଭୁବନେଶ୍ୱର ଓ ପୁରୀ ସ୍ପେଶାଲ ସର୍କିଟ ହାଉସରେ ଅପରାହ୍ନ ୩ଟା ପରେ ଦେଇପାରିବେ ବୋଲି ଅନୁ ଗର୍ଗ କହିଛନ୍ତି।

## ହିମାଚଳ ଓ ...

ଥୁନାଗ, ବାଗସାୟେଦ ଅଂଚଳରେ ବ୍ୟାପକ ପ୍ରଭାବିତ ହୋଇଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ହିମାଚଳ ପ୍ରଦେଶକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ । ବିଳାସପୁର, ହମୀରପୁର, କିଓ୍ୱାଉର, କୁଲ୍ଲୁ, ଲାହୌଲ ସ୍ପୀତି, ସିରମୌର, ସୋଲନ ଓ ଉନା ଜିଲ୍ଲାରେ ମଧ୍ୟ ଜୀବନହାନି ଘଟିଛି। ବର୍ଷା ବିପ୍ରାତ ଯୋଗୁ ରାଜ୍ୟରେ ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ୧୦୦ରୁ ଅଧିକ ଘର ନଷ୍ଟ ହୋଇଯାଇଥିବା ବେଳେ ୧୪ଟି ବ୍ରିଜ ଭାସିଯାଇଛି । ୩୦୦ ଗୃହପାଳିତ ପଶୁ ମରିଛନ୍ତି ପୂରା ରାଜ୍ୟରେ ୫୦୦ଟି ରାସ୍ତା ବନ୍ଦ ହୋଇଯାଇଛି।

## ପୁରୀ ବିମାନ ବନ୍ଦର...

କେନ୍ଦ୍ର ଜଙ୍ଗଲ ମନ୍ତ୍ରଣାଳୟ କହିଛି ଡିଏସଏସ ଟୁଲ୍ସ ଏବଂ ଗୁଗୁଲ୍ ସାଟେଲାଇଟ୍ ଇମେଜେରୀ ବ୍ୟବହାର କରି ବିକଳ୍ପ ପରିବର୍ତ୍ତନ ପାଇଁ ପ୍ରସ୍ତାବିତ ଅଂଚଳର ପରୀକ୍ଷାରୁ ଜଣାପଡିଛି ଯେ ଉପଭୋକ୍ତା ସଂସ୍ଥା ଜଙ୍ଗଲ ଏବଂ ଅଣ-ଜଙ୍ଗଲ ଜମିରେ ସୀମା ପ୍ରାଚୀର ନିର୍ମାଣ ଆରମ୍ଭ କରିସାରିଛି। ଯାହା ୧୯୮୦ ମସିହାର ଭାନ୍ (ସଂରକ୍ଷଣ ଏଭମ୍ ସମ୍ବର୍ଦ୍ଧନ) ଅଧିନିୟମର ବ୍ୟବସ୍ଥାର ଉଲ୍ଲଂଘନ। ଏଥିପାଇଁ ରାଜ୍ୟ ସରକାରଙ୍କୁ ଜଙ୍ଗଲ ଜମିରେ ଅନଧିକୃତ ନିର୍ମାଣକୁ ବନ୍ଦ କରିବା ପାଇଁ ଅନୁମତି ଦେବା କିମ୍ବା ନ ଦେବା ପାଇଁ ଦାୟୀ। ଏହାସହ ସରକାରଙ୍କୁ ତ୍ରୁଟିପୂର୍ଣ୍ଣ ନାମ ଏବଂ ତ୍ରୁଟିପୂର୍ଣ୍ଣ ଅଧିକାରୀଙ୍କ ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ସ୍ଥିତି ଉପରେ ବିସ୍ତୃତ ବିବରଣୀ ଦେବାକୁ କୁହାଯାଇଛି।

## ୬ ହାଇସିକ୍ୟୁରିଟି ...

ୱାଚ ଟାୱାରରେ ମଧ୍ୟ ସ୍ୱତନ୍ତ୍ର ସୁରକ୍ଷାକର୍ମୀ ନିୟୋଜିତ। ଜେଲ ଗେଟ୍‌ରେ ମେଟାଲ ଡିଟେକ୍ଟର, ହ୍ୟାଣ୍ଡ ଡିଟେକ୍ଟର ମଧ୍ୟ ରହିଛି । ତଥାପି ଗଳାବାଟ ଦେଇ ଜେଲ ଭିତରକୁ ନିଶାଦ୍ରବ୍ୟ, ମାରଣାସ୍ତ୍ର ଓ ମୋବାଇଲ ଭଳି ଆପତ୍ତିଜନକ ସାମଗ୍ରୀ ଯାଇପାରୁଛି। ବିଶେଷକରି ରାତି ସମୟରେ ଜେଲ ସୁରକ୍ଷା ବ୍ୟବସ୍ଥାକୁ ଫାଙ୍କି କଏଦୀମାନେ ଏଭଳି ଚୋରା କାରବାର କରିଥାଆନ୍ତି । ଅତୀତରେ ରାଜ୍ୟର ବିଭିନ୍ନ ଜେଲ୍‌ରେ ଚଢଉ କରାଯାଇ କଏଦୀମାନଙ୍କଠାରୁ ମୋବାଇଲ୍, ନିଶାସାମଗ୍ରୀ ଓ ମାରଣାସ୍ତ୍ର ଜବତ କରାଯାଇଥିଲା।

# ସ୍ପିନିଂ ମିଲ୍‌ରୁ ଚୋରି : ୫ କୋର୍ଟ ଚାଲାଣ

**କେସିଙ୍ଗା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ସ୍ପିନିଂ ମିଲ୍‌ରୁ ଗୁରୁବାର ମଧ୍ୟାହ୍ନରେ ଅତି ମୂଲ୍ୟବାନ ଲୁହା ଜିନିଷପତ୍ର ଚୋରି ହୋଇଥିଲା। ଏ ନେଇ ସ୍ପିନିଂ ମିଲ୍ କର୍ତ୍ତୃପକ୍ଷ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ୍ ତଦନ୍ତ କରିଥିଲା। ୪ ଜଣ ଚୋର ଓ ଜିନିଷ କିଣିଥିବା କବାଡ଼ିବାଲାକୁ ପୋଲିସ ଗିରଫ କରି ପଚରାଉଚରା କରିବା ପରେ ଶୁକ୍ରବାର ୫ ଜଣଙ୍କୁ କୋର୍ଟ ଚାଲାଣ କରା ଯାଇଛି। ଭବାନୀପାଟଣାରୁ ଏକ ସନ୍ଧାନୀ କୁକୁର ଦ୍ୱାରା ଅନୁସନ୍ଧାନ କରାଯାଇ ଚୋରଙ୍କୁ ଗିରଫ କରାଯାଇଛି। ଏହି ଚୋରମାନେ କେସିଙ୍ଗା ସହରର ବୋଲି ଜଣାପଡ଼ିଛି।

ଏ ସଂକ୍ରାନ୍ତରେ କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ଶୁକ୍ରବାର ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ଏବଂ ସେମାନଙ୍କଠାରୁ ସ୍ପିନିଙ୍ଗ ମିଲ୍‌ରେ ବ୍ୟବହୃତ ସାମଗ୍ରୀ ସିଜ୍ କରାଯାଇଛି ବୋଲି ପ୍ରକାଶ କରିଥିଲେ।




**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା** CAD-973

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

ପତ୍ର ସଂଖ୍ୟା : ୧୨୩ — **ବିଜ୍ଞାପନ** — ତା.୨୩.୦୬.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଦୋକାନ ନଂ-୩, ସୁରୁଚି ମାର୍କେଟ କମ୍ପ୍ଲେକ୍ସ, ଚନ୍ଦ୍ରଶେଖରପୁର, ୬ଷ୍ଠ ପର୍ଯ୍ୟାୟ, ଭୁବନେଶ୍ୱର, ଗୃହ ନିର୍ମାଣ ପ୍ରକଳ୍ପରେ ତାରାପ୍ରସାଦ ଡାଲୁଅ, ପିତା-ରବୀନ୍ଦ୍ର ପ୍ରସାଦ ଡାଲୁଅ, ସା/ପୋ-କମଳାଡିହ, ଥାନା-ନରସିଂହପୁର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ତାରାପ୍ରସାଦ ଡାଲୁଅ ଉକ୍ତ ଦୋକାନଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ସୁଧାଂଶୁ ଦେଓ, ପିତା-ବାବାଜୀ ଚରଣ ଦେଓ, ସା-ପ୍ଲଟ୍ ନଂ୩୦୯/୧୮୦୧, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ମଙ୍ଗଳା ମନ୍ଦିର ଛକ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଏଥିରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

ସ୍ୱା- ପ୍ରଶାସନିକ ଅଧିକାରୀ
OIPR-13030/11/0712/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



Telephone / Fax No. (0671 )-2445119
Email ID- cuttackrw2nd@yahoo.co.in

GOVERNMENT OF ODISHA
O/O THE SUPERINTENDING ENGINEER, RURAL WORKS DIVISION-II, CUTTACK
e-procurement Notice for BUILDING WORKS
Bid Identification No. SECTC-II- 05 of 2025-26 dt. 01.07.2025

O-378

1. Number of the work :- 05 (Five) Number of Buildings for the year 2025-2026
2. Estimated Cost. (Approx) :- Rs. 4.12 lakh to Rs. 4.23 lakh
3. Period of completion :- 3(Three) Calender Months
4. Date & time of sale & receipt of bid document online :- **From :- 10.07.2025 at 11:00AM To:- 24.07.2025 at 5:00PM**
5. Date & time of opening of Technical bid :- 25.07.2025 at 11:30AM
6. Name and address of Inviting Officer :- **Superintending Engineer, R. W. Division-II, Cuttack, Nayabazar, Cuttack-753004**

Further details can be seen from the State Govt, portal **https://tendersorissa.gov.in.**

*Sd/- Superintending Engineer*
*R.W. Division-II, Cuttack*
OIPR-25095/11/0024/2526



GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
ANGUL IRRIGATION DIVISION, ANGUL
e-Mail Id – eeangulirrigation@gmail.com

A-339

'e'-Procurement Notice No. SE-AID-3/2025-26

The Superintending Engineer, Angul Irrigation Division, Angul on behalf of the Governor of Odisha invites **bid in single cover** system in **ONLINE MODE** from eligible manpower service provider as detailed below:

| | | | |
|---|---|---|---|
| 1 | Name of work | : | Operation & Maintenance of Aunli & Sapua Badjore Irrigation Project under Angul Irrigation Division, Angul for the year 2025-26 (for the period of 274 days). |
| 2 | Total No. of Work | : | **02(Two) Nos.** |
| 3 | Estimated Cost put to tender | : | Approximately **Rs. 3.04 & 4.56 Lakh** |
| 4 | Tender Paper Cost | : | **Rs.2,000/-** (Non Refundable) |
| 5 | Class of Contractor | : | Manpower Service Provider / Human Resources Supply |
| 6 | Period | : | 274 days |
| 7 | Availability of Bid Documents and receipt of bid through online | : | From **10.00 A.M of 07.07.2025 to 5.00 P.M of 16.07.2025** in the website **(www.tendersodisha.gov.in)** |
| 8 | Date, time & place for opening of online tenders | : | **17.07.2025 at 11.00 A.M** and onwards in the o/o the SE, Angul Irrigation Division, Angul. |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender (OIT) | : | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- eeangulirrigation@gmail.com |

Further details can be seen from the e-procurement portal of Government Odisha at www.tendersodisha.gov.in). Any addendum/corrigendum/cancellation of tender can also be seen in the said site.

Sd/- Superintending Engineer
Angul Irrigation Division, Angul
OIPR-32049/11/0023/2526



GOVERNMENT OF ODISHA
Mail i.d eebbsr1@yahoo.co.in
OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.I, BHUBANESWAR
INVITATIONS FOR BIDS THRQUGH e-Procurement
No. 9158 Date: 01.07.2025

B-260

**Bid Identification No. C.C. (R&B) 01** **e-Procurement Notice No. ( 16 ) of 2025-26**

The Superintending Engineer, (R&B) Division No.I, Bhubaneswar on behalf of the Governor of Odisha invites percentage rate bids for **single cover system (online)** for works as detailed in table below.

| Sl. No | Name of the work | Approximate Estimated cost put to Tender (Rs. In Lakh) | EMD/ Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | Construction of 8 passenger lift including lift pit & Shaft at PWD IB Satyanagar, Bhubaneswar in the District of Khurdha for the year 2025-26. | Rs.33.45 | Rs.34,000/- | Rs.6,000/- Online | B Class / C Class | 03 (Three) Calendar months |

The bidders have to participate in ONLINE bidding only. The web-site for **"ONLINE BIDDING"** is **http://tendersorissa.gov.in.**
**Bid documents well be available in the above website from 11:00 A.M of 07.07.2025 to 5.00 P.M of 18.07.2025.**
**Bids of the above work shall be opened at -12.30 P.M. of 19.07.2025.**
**The bidder must possess matching class compatible Digital Signature Certificate (DSC).**
**Further details and other terms and conditions can be seen from DTCN in the e-Procurement web site www.tendersorissa.gov.in**
**N.B.: Subsequent corrigendum / addendum if required shall be available in the website as indicated above.**

Sd/- Er. Prabhudatta Pradhan
Superintending Engineer
BBSR (R&B) Division No.I, Bhubaneswar
OIPR-34076/11/0024/2526



**Government of Odisha, e- Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.Dkl.(R&B) 04/2025-26 Email Id-sedklpwd@gmail.com**

B-268

**Letter No. 1397 /Dt. 30.06.2025**

The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for road works as detailed below:

1. Name of the work : Road works
2. No of works : 02 (Two) Nos
3. Estimated Cost : **Rs.1.69 Crore to 2.27 Crore (as given in column No. 03 of table)**
4. Cost of tender paper : Rs 10,000.00
5. Class of contractor : 'B' Class & 'A' Class **(as given in column No. 07 of table)**
6. Period of Completion of work : 06 (Six) calendar months **(as given in column No. 08 of table)**
7. Date and time of availability of bid Document in the website : From Dt.07.07.2025 to 5.00P.M.of Dt.21.07.2025
8. Date of opening of bid : Dt.22.07.2025 at 11.00 A.M.

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Chief Construction Engineer
Dhenkanal (R&B) Circle, Dhenkanal
OIPR-34016/11/0049/2526

ଭୁବନେଶ୍ୱର
୦୫ ଜୁଲାଇ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରଥଯାତ୍ରା ବିଭ୍ରାଟରେ ବିଚାର ବିଭାଗୀୟ ତଦନ୍ତ ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି



**ଭୁବନେଶ୍ୱର, ୫।୭:ନ୍ୟୁଜ୍‌ବ୍ୟୁରୋ**

ରଥଯାତ୍ରା ବେଳେ ପୁରୀରେ ବିଭ୍ରାଟ ଓ ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି ବିଜେଡି। ଏହି ପରିପ୍ରେକ୍ଷୀରେ ବିଜେଡିର ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜଭବନ ଠାରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ଦାବି ଜଣାଇଛି।

ଏନେଇ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ଲେଖିଛନ୍ତି ଯେ ଚଳିତ ବର୍ଷ ପୁରୀ ଠାରେ ଆୟୋଜିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା ସମୟରେ ଅତ୍ୟନ୍ତ ବିଶୃଙ୍ଖଳା, ଆଇନ ଶୃଙ୍ଖଳା ପରିସ୍ଥିତି, ବଡ଼ଦାଣ୍ଡରେ ସନ୍ଧ୍ୟା ପରେ ରଥ ଗୋଟିଏ ପାହୁଣ୍ଡ ଗଡ଼ିବା, ଆଡ଼ପ ବିଜେ ପୂର୍ବରୁ ଗୁଣ୍ଡିଚା ମନ୍ଦିର ନିକଟରେ ୩ ଜଣ ଭକ୍ତଙ୍କ ପ୍ରାଣହାନି, ଶତାଧିକ ଆହତ ହେବା ଘଟଣା ପ୍ରଶାସନର ସମ୍ପୂର୍ଣ୍ଣ ବିଫଳତାକୁ ଦର୍ଶାଇଥିଲା।

ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଜୁ ଜନତା ଦଳର ଦଳର ସାଂସଦ, ବିଧାୟକ, ବରିଷ୍ଠ ନେତୃମଣ୍ଡଳୀଙ୍କ ସହ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏହାର ବିଚାର ବିଭାଗୀୟ ତଦନ୍ତ କରିବା ପାଇଁ ଦାବି କରିଥିଲେ। ମହାପ୍ରଭୁଙ୍କର ବାହୁଡ଼ା ଯାତ୍ରା ଠାରୁ ନିଳାଦ୍ରୀ ବିଜେ ନୀତି ଯେପରି ସଠିକ୍ ଭାବେ ପରିଚାଳନା କରାଯାଇପାରିବ ଏଥିପାଇଁ ରାଜ୍ୟପାଳଙ୍କୁ ନିବେଦନ ମଧ୍ୟ କରିଥିଲେ।



ପୁରୀ : ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ଅବସରରେ ଡିଜିପି ୱାଇ.ବି. ଖୁରାନିଆ ଉପସ୍ଥିତ ରହି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନିରୀକ୍ଷଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ରାମ ଚରିତ ମାନସ ମନ୍ଦିର ଭୂମି ପୂଜନ କଲେ ପଦ୍ମବିଭୂଷଣ ଜଗତଗୁରୁ ରାମଭଦ୍ରାଚାର୍ଯ୍ୟ ଜୀ ମହାରାଜ

# ସଂସ୍କୃତି ଓ ସଂସ୍କାରଧର୍ମୀ କାର୍ଯ୍ୟର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫।୭ ନ୍ୟୁଜ୍‌ବ୍ୟୁରୋ**

ପୁରୀର ମଙ୍ଗଳାଘାଟ ଠାରେ ଆୟୋଜିତ ରାମ ଚରିତ ମାନସ ମନ୍ଦିର ଭୂମି ପୂଜନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ ସଂସ୍କୃତି ଓ ସଂସ୍କାରଧର୍ମୀ କାର୍ଯ୍ୟର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ପଦ୍ମବିଭୂଷଣ ଜଗତଗୁରୁ ରାମଭଦ୍ରାଚାର୍ଯ୍ୟ ଜୀ ମହାରାଜ ଅଧ୍ୟକ୍ଷତା କରି ଏହି ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରିଥିଲେ। ସୂଚନା ଯୋଗ୍ୟ ଯେ ରାଘବ ପରିବାର ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପାଟଣା ଗ୍ରାମରେ ଭଗବାନ ଶ୍ରୀରାମ ଚରିତ ମାନସ ଭବ୍ୟ ମନ୍ଦିର ହେବା ଏକ ସୌଭାଗ୍ୟର ବିଷୟ ଏବଂ ଏହି ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ କରିବାକୁ ଜଗତଗୁରୁ ରାମଭଦ୍ରାଚାର୍ଯ୍ୟ ଜୀ ମହାରାଜଙ୍କ ଆଗମନ ଆମ ପାଇଁ ଆଶୀର୍ବାଦ। ଏଠାରେ ରାମ ଚରିତ ମାନସ ମନ୍ଦିର ପ୍ରତିଷ୍ଠା ହିନ୍ଦୁ ପରମ୍ପରାର ଏକ ଅନନ୍ୟ ନିଦର୍ଶନ।

ଆଗାମୀ ୧୦ ବର୍ଷ ଅର୍ଥାତ ୨୦୩୬ ମସିହା ପର୍ଯ୍ୟନ୍ତ ଆମର ଭିଜନ ଡକ୍ୟୁମେଣ୍ଟ 'ଓ୬ ପାଇଁ ୩୬' ପ୍ରସ୍ତୁତ ଅଛି ଏବଂ ସରକାର ସେଇ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ଜୀଙ୍କର ସମାଜର ୪ଟି



ବର୍ଗ- ଅନ୍ନଦାତା, ଗରିବ, ମହିଳା ଓ ଯୁବାଙ୍କ ବିକାଶକୁ ପ୍ରାଧାନ୍ୟ ଦେଇ ସମସ୍ତ ଯୋଜନାକୁ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଭାବରେ ଏବଂ ୨୦୪୭ରେ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ବିକଶିତ ଭାରତକୁ ସାକାର କରିବା। ରାଜ୍ୟରେ ସମସ୍ତ ଜନହିତକର ଯୋଜନା ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚୁଛି ଏବଂ ଓଡ଼ିଶା ବିକାଶର ଶିଖର ଛୁଇଁବ। ଭୂମି ପୂଜନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ସେହି ସ୍ଥାନରେ ଏକ ନିମ୍ବ ଗଛ ଲଗାଇଥିଲେ ଏବଂ ଭୂମି ପୂଜନ ଯଜ୍ଞରେ ନିର୍ମାଣ ପ୍ରସ୍ତରର ଶୁଭ ଦେଇଥିଲେ। ଏହି ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନ ନିମନ୍ତେ ଦ୍ୱିତୀୟ ରାଜ୍ୟ ଟାସ୍କ ଫୋର୍ସ ବୈଠକ

**ଭୁବନେଶ୍ୱର, ୫।୭:ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟାନ୍ୱୟନ ପାଇଁ ଦ୍ୱିତୀୟ ରାଜ୍ୟ ଟାସ୍କ ଫୋର୍ସ ବୈଠକ ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗର ସମନ୍ୱୟରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷା ନୀତି ୨୦୨୦ର ବିଭିନ୍ନ ଦିଗ ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା।

ବୈଠକରେ ସଞ୍ଜୀବ କୁମାର ମିଶ୍ର, ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ଶାଳିନୀ ପଣ୍ଡିତ, କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୂପେନ୍ଦ୍ର ସିଂ ପୁନିଆ, କମିଶନର ତଥା ଶାସନ ସଚିବ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ, ଉଚ୍ଚଶିକ୍ଷା, ଯୋଜନା ଓ ସଂଯୋଜନା, ଓସେପାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସହଯୋଗୀ ଅନୁଷ୍ଠାନର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଉନ୍ନୟନ କମିଶନର ଆଇଟି ସକ୍ଷମ ମନିଟରିଂ ସିଷ୍ଟମ କାର୍ଯ୍ୟକାରୀ ଏବଂ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଦିଗରେ ଧ୍ୟାନ ଦେଇଥିଲେ।

ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟାନ୍ୱୟନ ନିମନ୍ତେ ରାଜ୍ୟ ଟାସ୍କ ଫୋର୍ସ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋକପାତ କରାଯାଇଛି। ଏନସିଇଆରଟି ଏବଂ ଆରଆଇଇ ଭୁବନେଶ୍ୱର ସହାୟତାରେ ଶିଶୁ ବାଟିକାରେ ସାମିଲ୍ ଥିବା ଶିକ୍ଷକମାନଙ୍କ ପାଇଁ ସହଯୋଗୀ ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳନା କରାଯାଇଥିଲା। ଏଥିସହିତ ନୂତନ କାର୍ଯ୍ୟପୁସ୍ତିକା ଏବଂ ଶିକ୍ଷକ ହ୍ୟାଣ୍ଡବୁକ୍ ବିକଶିତ କରାଯିବା ସହ ଏହାକୁ ରାଜ୍ୟବ୍ୟାପୀ ବଣ୍ଟନ କରାଯାଇଛି। ଏନସିଇଆରଟିର ନିର୍ଦ୍ଦେଶାବଳୀ ସହ ସମନ୍ୱୟ ରଖି ଶିଶୁ ବାଟିକା (ପ୍ରାକ୍-ପ୍ରାଥମିକ)ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମର ବିକାଶ, ପାଠ୍ୟପୁସ୍ତକ ପ୍ରସ୍ତୁତି ଏବଂ ତାଲିମରେ ଶିକ୍ଷକମାନଙ୍କ ଭୂମିକାକୁ ବ୍ୟାପକ କରିବା ପାଇଁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦକୁ ସୁଦୃଢ଼ କରାଯାଉଛି।

ଏହାସହିତ, ମଇ ୨୦୨୫ରେ ଆରମ୍ଭ ହୋଇଥିବା ଏକ ସ୍ୱତନ୍ତ୍ର ଘରକୁ ଘର ବୁଲି ସର୍ଭେ ଅଭିଯାନର ଲକ୍ଷ୍ୟ ଥିଲା ବିଦ୍ୟାଳୟ ଛାଡୁଥିବା ପିଲାମାନଙ୍କୁ ଚିହ୍ନଟ କରିବା, ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କୁ ଚିହ୍ନଟ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଳୟ ଛାଡୁଥିବା ପିଲାମାନଙ୍କୁ ଅଟକାଇବା ଏବଂ ବିଦ୍ୟାଳୟ ବାହାର ପିଲାମାନଙ୍କୁ ପୁନଃ ନାମ ଲେଖାଇବା, ବହୁଭାଷୀ ଶିକ୍ଷା ଆବଶ୍ୟକତାଗୁଡ଼ିକର ମୂଲ୍ୟାଙ୍କନ କରିବା।

ଏହାବ୍ୟତୀତ, ୨୦୨୪-୨୫ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଇଁ ପ୍ରଚଳିତ ହୋଲିଷ୍ଟିକ୍ ପ୍ରୋଗ୍ରେସ୍ କାର୍ଡ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା, ସମାଲୋଚନାମୂଳକ ଚିନ୍ତାଧାରା ଏବଂ ଜୀବନ କୌଶଳ ଦକ୍ଷତାକୁ ମୂଲ୍ୟାଙ୍କନ କରିବା ଉପରେ ଧ୍ୟାନ ଦେଉଛି। ଏଥିସହ ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲାର ପ୍ରଗତିକୁ ଟ୍ରାକ୍ କରିବା ପାଇଁ ଏକ ଆଇଟି ସକ୍ଷମ ମନିଟରିଂ ସିଷ୍ଟମ ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ।

# ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୫।୭:ନ୍ୟୁଜ୍‌ବ୍ୟୁରୋ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶୁକ୍ରବାର ଦିନ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆୟୋଜିତ ଡାଇରିଆ, ଡେଙ୍ଗୁ ଓ ମ୍ୟାଲେରିଆର ସ୍ଥିତି ଏବଂ ନିୟନ୍ତ୍ରଣ ସମ୍ପର୍କିତ ଏକ ବୈଠକର ଅଧ୍ୟକ୍ଷତା କରି ସମୀକ୍ଷା କରିଛନ୍ତି।



ଏହି ଅବସରରେ ସେ ପ୍ରତିଷେଧକ ବ୍ୟବସ୍ଥା, ସଂକ୍ରମଣ ନିୟନ୍ତ୍ରଣ ଏବଂ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ଭଳି ଦିଗ ଉପରେ ବିଶେଷ ଧ୍ୟାନ ଦେବାପାଇଁ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ସ୍ଥାନ ମାନଙ୍କରେ ନଳକୂପ ଅଚଳ ଅଛି କିମ୍ବା ଦୂଷିତ ଜଳ ବାହାରୁଛି ସେଗୁଡିକର ମରାମତି କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ଆଶା, ଅଙ୍ଗନୱାଡ଼ି ଦିଦି ଏବଂ ଆମ ସମସ୍ତଙ୍କ ମିଳିତ ପ୍ରୟାସରେ ଡାଇରିଆ, ଡେଙ୍ଗୁ ଓ ମ୍ୟାଲେରିଆର ପ୍ରତିହତ ହୋଇପାରିବ। ଏହି ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ରାଜ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜିଲ୍ଲାର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ୨ ମୃତ, ୪ ଗୁରୁତର

**ସୁନ୍ଦରଗଡ଼, ୫।୭:ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଏରିଆନ ଛକ ନିକଟରେ ଘଟିଯାଇଛି ଭୟଙ୍କର ସଡ଼କ ଦୁର୍ଘଟଣା। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। ହାଇୱା ଓ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଭ୍ୟାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି।

# ସୁରକ୍ଷାକର୍ମୀଙ୍କ ଗୁଳିରେ ଯୁବତୀ ଗୁରୁତର

**ଆନନ୍ଦପୁର, ୫।୭ ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଘଷିପୁରାରେ ଗୁଳି ଫୁଟିବାରୁ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ମେଡିକାଲ ରୋଡ୍‌ରେ ଥିବା ଏକ ଘରୋଇ ବ୍ୟାଙ୍କର ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବାକୁ ଆସିଥିବା ଭ୍ୟାନ୍‌ର ସୁରକ୍ଷାକର୍ମୀଙ୍କ ବନ୍ଧୁକରୁ ହଠାତ୍ ଗୁଳି ଫୁଟିଥିଲା। ତେବେ ଗୁଳିଟି କଂକ୍ରିଟ ରାସ୍ତାରେ ବାଜିବା ପରେ କଂକ୍ରିଟ ଖଣ୍ଡ ଛିଟିକି ଥିଲା। ସେହିବାଟ ଦେଇ ଯାଉଥିବା କୌଶଲ୍ୟା ମହାନ୍ତ ନାମକ ଜଣେ ଯୁବତୀଙ୍କ ଗୋଡ଼ରେ ସେହି କଂକ୍ରିଟ ଖଣ୍ଡ ବାଜିବାରୁ ଯୁବତୀ ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କୌଶଲ୍ୟା ସ୍ଥାନୀୟ ପାଥଲ୍ୟାବ୍‌ରେ କାମ କରନ୍ତି ବୋଲି ଜଣାପଡ଼ି ଥିବାବେଳେ ସୁରକ୍ଷାକର୍ମୀଙ୍କ ଦାୟିତ୍ୱହୀନତାରୁ ଏଭଳି ହୋଇ ଥିବା ଜଣାପଡ଼ିଛି। ତେବେ ଏକ ବଡ଼ ଅଘଟଣ ଅଳ୍ପକେ ଟଳିଯାଇଛି। ଏହି ଘଟଣାରେ ସମ୍ପୃକ୍ତ ସୁରକ୍ଷାକର୍ମୀ କ୍ୟାମେରା ସାମ୍ନାରେ କିଛି କହିବାକୁ ମନା କରିଦେଇଛନ୍ତି।

# ପିଉସା ପାଇଁ ସିନ୍ଦୂର ପୋଛିଦେଲା ଝିଆରୀ

## ବିବାହକୁ ୨ମାସ ନପୂରୁଣୁ ସ୍ୱାମୀକୁ ହତ୍ୟା


**ନୂଆଦିଲ୍ଲୀ, ୫/୭**

ବିବାହକୁ ୨ ମାସ ନପୂରୁଣୁ ପୋଛିଦେଲା ସିନ୍ଦୂର। ନିଜ ସ୍ୱାମୀଙ୍କୁ ହତ୍ୟା କରିଛି ନବବଧୂ। ଏପରି ସ୍ପର୍ଶକାତର ଘଟଣା ସାମନାକୁ ଆସିଛି ବିହାରର ଔରଙ୍ଗାବାଦ ଜିଲ୍ଲାରୁ। ଗତ କିଛି ଦିନ ତଳେ ମେଘାଳୟରେ ହନିମୁନ୍ ବେଳେ ମର୍ଡର ଘଟଣାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଏଭଳି ନିର୍ମମ ହତ୍ୟାର କଥା ମନରୁ ଲିଭୁଣୁ ପୁଣି ସେପରି ଏକ ଘଟଣା ବିହାରରେ ଘଟିଛି। ପୋଲିସର ସୂଚନା ଅନୁସାରେ, ଗୁଞ୍ଜାଦେବୀ ନିଜ ପିଉସା ଜୀବନ ସିଂ(୫୫ବର୍ଷ)ଙ୍କ ସହ ସମ୍ପର୍କରେ ଥିଲା। ଯେଉଁଥିପାଇଁ ପିଉସାଙ୍କୁ ବିବାହ କରିବାକୁ ସ୍ୱାମୀ ପ୍ରିୟାଂଶୁଙ୍କୁ ହତ୍ୟା କରିଛି ଗୁଞ୍ଜାଦେବୀ। ଏଥିପାଇଁ ସେ ସୁପାରୀ କିଲରଙ୍କ ସହାୟତା ନେଇଥିବା ଜଣାପଡ଼ିଛି। ଗୁଞ୍ଜାଦେବୀ ଓ ଜୀବନ ଦୀର୍ଘ ଦିନ ଧରି ପରସ୍ପରକୁ ଭଲ ପାଉଥିଲେ। ବିବାହ କରିବାକୁ ମଧ୍ୟ ଚାହୁଁଥିଲେ। କିନ୍ତୁ ଘର ଲୋକେ ଅରାଜି ହେବାରୁ ଶେଷରେ ଗୁଞ୍ଜାଦେବୀଙ୍କୁ ଅନ୍ୟତ୍ର ବିବାହ କରିବାକୁ ପଡ଼ିଥିଲା। ହେଲେ ବିବାହର ମାତ୍ର ୪୫ ଦିନରେ ହିଁ ସ୍ୱାମୀଙ୍କୁ ବାଟରୁ ହଟାଇବାକୁ ସୁପାରୀ ଦେଇ ହତ୍ୟା କରିଛି ଏହି ନବବଧୂ ଜଣକ। ଏସ୍‌ପି ଅମ୍ରିଶ ରାହୁଲ କହିଛନ୍ତି, ପ୍ରିୟାଂଶୁ ଟ୍ରେନ୍ ଯୋଗେ ଘରକୁ ଫେରୁଥିଲେ। ନାଭି ନଗର ଷ୍ଟେସନ ନିକଟରେ ପହଞ୍ଚିବା କଥା ପତ୍ନୀ ଗୁଞ୍ଜାଦେବୀଙ୍କୁ ଫୋନ୍ ଯୋଗେ ଜଣାଇ ଥିଲେ। କେହି ଜଣେ ବାଇକ୍‌ରେ ତାଙ୍କୁ ଘରକୁ ନେବାକୁ ଆସିଥିଲେ। ଆଉ ଷ୍ଟେସନରୁ ଘରକୁ ଯିବାବେଳେ ହଠାତ୍ ଦୁଇ ଜଣ ଆସି ପ୍ରିୟାଂଶୁଙ୍କ ଉପରକୁ କରିଥିଲେ ଅତର୍କିତ ଗୁଳିଚାଳନା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୋଲିସ ଯେତେବେଳେ ଛାନଭିନ ଆରମ୍ଭ କଲା ସେ ସମୟରେ ଗୁଞ୍ଜାଦେବୀ ଫେରାର ହେବାକୁ ଚେଷ୍ଟା କରିଥିଲା। ଯାହାକୁ ନେଇ ପ୍ରିୟାଂଶୁଙ୍କ ପରିବାରଲୋକଙ୍କ ମନରେ ସନ୍ଦେହ ଉପୁଜିଥିଲା। ପୋଲିସ ମାମଲାରେ ତଦନ୍ତ କରୁଥିବା ବେଳେ ଗୁଞ୍ଜାଦେବୀ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ରାଜ୍ୟରେ ବଢ଼ିବ ଦୁଗ୍ଧ ଓ ଅଣ୍ଡା ଉତ୍ପାଦନ

**ଭୁବନେଶ୍ୱର, ୫।୭:ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ବଢ଼ିବ ଦୁଗ୍ଧ ଓ ଅଣ୍ଡା ଉତ୍ପାଦନ। ଆଗାମୀ ୧୦ ବର୍ଷରେ ଦୁଇ ଗୁଣା ଦୁଗ୍ଧ ଓ ୩ ଗୁଣା ଅଣ୍ଡା ଉତ୍ପାଦନ ହେବ। ଏମିତି ଲକ୍ଷ୍ୟ ରଖି କାର୍ଯ୍ୟ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଉନ୍ନତ ତଥା ଶଙ୍କର ପ୍ରଜାତିର ଗୋରୁ ପାଇଁ ବାହାର ରାଜ୍ୟ ଉପରେ ଓଡ଼ିଶା ନିର୍ଭର କରିବନି। ପ୍ରଜନନ କ୍ଷମତା ହରାଇଥିବା ଗାଈ କିମ୍ବା ମଇଁଷିମାନେ ମଧ୍ୟ ଛୁଆ ଜନ୍ମ କରିପାରିବେ। ଏଥିପାଇଁ ଖୁବଶୀଘ୍ର ରାଜ୍ୟରେ ମଣିଷଙ୍କ ଭଳି ଗୋରୁଙ୍କ କ୍ଷେତ୍ରରେ ଇନଭିଟ୍ରୋ ଫର୍ଟିଲାଇଜେସନ (ଆଇଭିଏଫ୍) ପ୍ରଣାଳୀ ପ୍ରୟୋଗ କରାଯିବ। ସେଥିପାଇଁ ଅତ୍ୟାଧୁନିକ ପ୍ରୟୋଗଶାଳା ପ୍ରତିଷ୍ଠା ହେବ। ଆଇଭିଏଫ୍ ମାଧ୍ୟମରେ ଗାଈ, ମଇଁଷିମାନେ ଉନ୍ନତମାନର ବାଛୁରୀ ଜନ୍ମ ଦେବେ। ବର୍ତ୍ତମାନ ରାଜ୍ୟରେ ଦିନକୁ ୭୦ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହେଉଛି। ୫ ବର୍ଷ ମଧ୍ୟରେ ଦିନକୁ ୮୦ ଲକ୍ଷ ଲିଟର, ୨୦୩୬ ସୁଦ୍ଧା ୧୬୫ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ଦିନକୁ ଜଣେ ଲୋକ ପାଇଁ ୧୫୬



ଗ୍ରାମ୍ ଦୁଗ୍ଧ ଦରକାର ପଡୁଥିବା ବେଳେ ୨୦୨୯ରେ ୧୭୫, ୨୦୩୬ରେ ୩୦୦ ଗ୍ରାମ୍‌ରେ ପହଞ୍ଚିବ। ଯଦ୍ୱାରା ଗୋପାଳକଙ୍କ ଆୟ ବଢ଼ିବା ସହ ଆମେ ଅନ୍ୟ ରାଜ୍ୟକୁ ଦୁଗ୍ଧ ପଠାଇପାରିବା। ଏବେ ବାର୍ଷିକ ୩୭୨ କୋଟି ଅଣ୍ଡା ଉତ୍ପାଦନ ହେଉଛି। ବର୍ଷକୁ ମୁଣ୍ଡ ପିଛା ୮୦ଟି ଅଣ୍ଡା ଆବଶ୍ୟକ ପଡୁଛି। ଆସନ୍ତା ୫ ବର୍ଷରେ (୨୦୨୯) ସୁଦ୍ଧା ବାର୍ଷିକ ୫୦୦ କୋଟି ଓ ୨୦୩୬ ସୁଦ୍ଧା ୧୦୦୦ କୋଟି ଅଣ୍ଡା ଉତ୍ପାଦନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ବର୍ତ୍ତମାନ ବାର୍ଷିକ ଦୁଇଲକ୍ଷ ମେଟ୍ରିକ ଟନ୍ ମାଂସ ଉତ୍ପାଦନ ହେଉଛି। ୨୦୨୯ ସୁଦ୍ଧା ବାର୍ଷିକ ୪ ଲକ୍ଷ ମେଟ୍ରିକ ଟନ୍ ଓ ୨୦୩୬ ସୁଦ୍ଧା ୬ଲକ୍ଷ ମେଟ୍ରିକ ଟନ୍ ମାଂସ ଉତ୍ପାଦନ ହେବ। ପ୍ରାଣୀ ସମ୍ପଦ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଉପଖଣ୍ଡସ୍ତରରେ ଭେଟେରନାରୀ ପଲିକ୍ଲିନିକ୍ ଓ ଗ୍ରାମ ପଞ୍ଚାୟତରେ ପ୍ରାଣୀସମ୍ପଦ ସେବାକେନ୍ଦ୍ର ସଂଖ୍ୟା ବଢ଼ିବ। ଏବେ ୪ଟି ଉପଖଣ୍ଡରେ ପଲିକ୍ଲିନିକ୍ ରହିଛି। ୨୦୨୯ରେ ୩୦ ଓ ୨୦୩୬ରେ ୫୮ଟି ପଲିକ୍ଲିନିକ୍ ଖୋଲାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏବେ କୌଣସି ପଞ୍ଚାୟତରେ ପ୍ରାଣୀସମ୍ପଦ ସେବା କେନ୍ଦ୍ର ନଥିବା ବେଳେ ୨୦୨୯ରେ ୩୧୪। ୨୦୩୬ରେ ୧୦୦୦ ପଞ୍ଚାୟତରେ ଏହି କେନ୍ଦ୍ର ଖୋଲିବାକୁ ଯାଉଛି। କ୍ଷୀର ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟରେ ଆଉ ଏକ ଫ୍ରୋଜେନ୍ ସିମେନ୍ ବ୍ୟାଙ୍କ ସହ ମାଂସ ଉତ୍ପାଦନ ଲାଗି ଏକ ଛେଳି ସିମେନ୍ ଷ୍ଟେସନ ପ୍ରତିଷ୍ଠା ହେବ। ଯଦ୍ୱାରା ଛେଳି ପ୍ରଜାତିଙ୍କ ସଂଖ୍ୟା ବଢ଼ିବ। ରାଜ୍ୟରେ ଏକ ମାଂସ ପ୍ରକ୍ରିୟାକରଣ ପ୍ଲାଣ୍ଟ ନିର୍ମାଣ ସହ ଗୋରୁଙ୍କ ଠାରେ ଦେଖାଯାଉଥିବା ଲାମ୍ପି ଚର୍ମ ରୋଗ ଓ ଗୋଟ୍ ପକ୍ସର ନିରାକରଣ ପାଇଁ ଅତ୍ୟାଧୁନିକ ଲାବୋରେଟୋରୀ ନିର୍ମାଣ ହେବ। ରାଜ୍ୟ ସରକାର ଖୁବ୍‌ଶୀଘ୍ର ସ୍ମଲ ଆନିମଲ ବ୍ରିଡିଂ ପଲିସି ଆଣିବେ ବୋଲି ଜଣାପଡ଼ିଛି।

